### ପତୋରା ଡ୍ୟାମ୍ ଜଳସଙ୍କଟ ପ୍ରସଙ୍ଗ

# ଚାଷ ଜମିର ସ୍ଥିତି ପରଖିଲେ ଜିଲ୍ଲାସ୍ତରୀୟ ଅଧିକାରୀ

ନୂଆପଡ଼ା, ୭।୫(ସମିସ)



ନୂଆପଡ଼ା ଜିଲ୍ଲା ସଦର ବ୍ଲକ ଅଞ୍ଚଳରେ ଜୋଙ୍କ ନଦୀରେ ବନ୍ଧା ହୋଇଥିବା ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ବା ପତୋରା ଡ୍ୟାମ୍ ସବୁବେଳେ ବିବାଦୀୟ ହୋଇ ରହିଛି। ଏଠାରେ ବଡ ବଡିଆ ଚାଷୀ ନେତା ବଡ ମାଛ ଛୋଟ ମାଛକୁ ଖାଇବା ନ୍ୟାୟରେ ଚାଷୀଙ୍କୁ ପ୍ରକୃତ ନ୍ୟାୟ ନଦେଇ ଭ୍ରମିତ କରି ନିଜର ରାଜନୈତିକ ଅଭିସନ୍ଧିକୁ ପୂରଣ କରି ଛୋଟ ଚାଷୀଙ୍କୁ କ୍ଷତି କରାଇ ଚାଲିଥିବା ପଦାରେ ପଡ଼ିଛି। ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ଠାରୁ ଅଧିକ ହେକ୍ଟର ଚାଷ କରି ଚାଷୀମାନେ ବର୍ତ୍ତମାନ ହରଡଘଣାରେ ପଡ଼ିଛନ୍ତି।ବର୍ତ୍ତମାନ ପାଣି ଅଭାବରେ ହଜାର ହଜାର ହେକ୍ଟର ଜମିର ଧାନ ଚାଷ ମରିବାକୁ ବସିଛି। ଏଭଳି ସ୍ଥିତିରେ ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ହୋଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଟିମ୍ ଚାଷ ଅଞ୍ଚଳ ବୁଲି ପ୍ରକୃତ ସ୍ଥିତି ଆକଳନ କରୁଥିବା ବେଳେ ଏହା କେବଳ ଯେ କିଛି ନେତୃସ୍ଥାନୀୟ ଚାଷୀ ନେତାଙ୍କ ଯୋଗୁଁ ଭୋଗିବାକୁ ପଡୁଛି ବୋଲି ଚାଷୀମାନେ ଅଭିଯୋଗ ଆଣିଛନ୍ତି। ସୂଚନାଯୋଗ୍ୟ ଯେ ପତୋରା ଡ୍ୟାମ୍ ପାଣିରେ ରବିରେ ୪ହଜାର ହେକ୍ଟର ଜମିରେ ଚାଷ ହେଉଥିବା ବେଳେ ଖରିଫରେ ୯ହଜାର ହେକ୍ଟର ଜମିରେ ଚାଷ ହୋଇଥାଏ। ହେଲେ ଡ୍ୟାମରେ କମ ପାଣିଥିବା ଅଥବା ପାନୀୟ ଜଳ ଯୋଗାଣରେ ପାଣିର ବ୍ୟବହାର ହେଉଥିବା ଯୋଗୁଁ ଚାଷୀଙ୍କ ସହ ଜିଲ୍ଲାପ୍ରଶାସନ ବୈଠକ କରି ୧୯୫୦ ହେକ୍ଟର ଜମିରେ ରବିଚାଷ କରାଯିବ ବୋଲି ନିଷ୍ପତି ହେଲା। କିନ୍ତୁ ଏହାକୁ ଠିକଣା ସମୟରେ ଚାଷୀମାନେ ଜାଣିପାରିନଥିଲେ। ଜାନୁୟାରୀ ମାସରେ ପାଣି ଛାଡିବା ମାତ୍ରକେ ଚାଷୀମାନେ ପୂର୍ବବତ ଯେଝା ବାଟରେ ୪ ହେକ୍ଟର ହେକ୍ଟର ଜମିରେ ଚାଷ ଆରମ୍ଭ କରିଦେଇଥିଲେ। ଉଲ୍ଲେଖ ଯୋଗ୍ୟ ଯେ ବୁଧବାର ଚାଷୀପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କର ସମସ୍ୟା କହିଥିବା ବେଳେ କିଛି ରାଜନୈତିକ ଦଳର ଚାଷୀନେତାମାନେ ନିଜର ସ୍ୱାର୍ଥ ସାଧନ କରିବାକୁ ଚାଷୀଙ୍କୁ ଭ୍ରମିତ କରିଥିବା ଅଭିଯୋଗ ଆଣିଛନ୍ତି। ଏପଟେ ଜିଲ୍ଲାପ୍ରଶାସନର ବୈଠକରେ ବସି ନିଜ ଇଚ୍ଛାମୁତାବକ ଆଲୋଚନା କରୁଥିବା ବେଳେ ନିଜ ସ୍ୱାର୍ଥ ସାଧନ ପରେ ଚାଷୀଙ୍କୁ କୌଣସି ବାର୍ତ୍ତା ନଦେଇ ପ୍ରଶାସନକୁ ଭ୍ରମିତ କରି ନିଜ ଚାଷ ଜମିକୁ ଯୋର ଜବରଦସ୍ତି ପାଣି ନେଇଥିବାରୁ ଏଭଳି ସ୍ଥିତି ହୋଇଛି ବୋଲି କହିଛନ୍ତି। ଏହା ଉପରେ ସରଜମିନ ତଦନ୍ତ କରି ଏଭଳି ଖଳପ୍ରକୃତିର ଲୋକଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବା ସହ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି। ଚାଷୀଙ୍କ ଦାବିକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ନେଇ ଟିମ୍ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଛନ୍ତି। ଡ୍ୟାମ୍‌ର ଉଭୟ ବାମ ଏବଂ ଡାହାଣ କେନାଲ ଅଞ୍ଚଳ ବୁଲି ଦେଖିଥିବା ବେଳେ ପ୍ରଶାସନର ନିଷ୍ପତ୍ତି ଅଞ୍ଚଳ ବାଦ ଅନ୍ୟ ଅଞ୍ଚଳକୁ ମଧ୍ୟ ପାଣି ନିଆଯାଇ ପାଣିର ଅପବ୍ୟବହାର କରାଯାଇଥିବା ସ୍ପଷ୍ଟ ହୋଇଥିବା ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ଚାଷୀମାନେ ଠିକ ସମୟରେ ଚାଷ ସବୁ ଆରମ୍ଭ କରିନଥିବାରୁ ଗୋଟିଏ ସମୟରେ ଧାନ ଅମଳ ହୋଇପାରୁନାହିଁ। ଅନ୍ୟପଟେ ରାଜନୈତିକ ଦଳର ନେତାମାନେ ପାଣି ଅଭାବରୁ ଚାଷ ନଷ୍ଟ ହୋଇଥିବା କଥାକୁ ନେଇ ପ୍ରଶାସନର ବେକକୁ ଧରିବାକୁ ଘେରି ବସିଲେଣି। ପ୍ରଶାସନ କଣ ନିଷ୍ପତ୍ତି ନେଉଛି ତାହା ଦେଖିବାକୁ ବାକି ରହିଲା।

# ଲାଞ୍ଜିଗଡ଼ ପ୍ରେସକ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଲାଞ୍ଜିଗଡ଼, ୭।୫(ସମିସ):** ଲାଞ୍ଜିଗଡ଼ ବ୍ଲକ ଗସ୍ତରେ ଆସିଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ସାକ୍ଷାତ କରି ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିଛି ଅଗ୍ରଣୀ ସାମ୍ବାଦିକ ସଂଗଠନ ଲାଞ୍ଜିଗଡ଼ ପ୍ରେସ କ୍ଲବ୍। ଲାଞ୍ଜିଗଡ଼ଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅଞ୍ଚଳର ୧୩ଟି ପଞ୍ଚାୟତ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର କୋଠାକୁ



ଶତାଧିକ ବର୍ଷ ବିତି ସାରିଛି। ଏହା ଏବେ ଭଙ୍ଗାଦଦରା ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଣ୍ଠୁଏ ପାଣି ଜମୁଛି। ସ୍ୱାସ୍ଥ୍ୟକେନ୍ଦ୍ର ନୂତନ କୋଠା ନିର୍ମାଣ ପାଇଁ ୧୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଜାଗା ଚିହ୍ନଟ ହୋଇପାରୁନଥିବାରୁ ଏହା ଅଟକି ରହିଛି। ଷ୍ଟାଫକ୍ୱାର୍ଟର ନଥିବାରୁ ଡାକ୍ତର ଓ କର୍ମଚାରୀମାନେ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲାଞ୍ଜିଗଡ଼ରେ ଜାଗା ଚିହ୍ନଟ ସହିତ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ଓ ଷ୍ଟାଫ କ୍ୱାର୍ଟର ନିର୍ମାଣ କରାଯିବାର ଆବଶ୍ୟକତା ରହିଛି। ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୧୬ଟି ପଞ୍ଚାୟତ ଲୋକେ ନିର୍ଭର କରୁଥିବା ବେଳେ ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ଅଲଟ୍ରାସାଉଣ୍ଡ ମେସିନ, ଦୁର୍ଘଟଣା ପ୍ରବଣ ଅଞ୍ଚଳ ହେତୁ ଏକ୍ସରେ ମେସିନ ସ୍ଥାପନ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ ସମେତ ଭେଷଜ ବିଶେଷଜ୍ଞ ପଦବୀ ପୂରଣ, ଖାଲି ଥିବା ଚାରିଜଣ ଷ୍ଟାଫ ନର୍ସ, ଖାଲି ଥିବା ଦୁଇ ଜଣ ଫାର୍ମାସିଷ୍ଟ, ଦୁଇ ଜଣ ଲାବ ଟେକ୍ନିସିଆନ ପଦବୀ, ଖାଲି ଥିବା ୫ ଜଣ ପରିଦର୍ଶକ, ଜନସ୍ୱାସ୍ଥ୍ୟ ଅଧିକାରୀ ପଦବୀ ପୂରଣ, ଷ୍ଟାଫ କ୍ୱାର୍ଟର ନିର୍ମାଣର ଅତ୍ୟନ୍ତ ଆବଶ୍ୟକତା ରହିଛି। ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସିଏଚସି ମାନ୍ୟତା, ଷ୍ଟାଫ୍ କ୍ୱାର୍ଟର ନିର୍ମାଣ, ଲାଞ୍ଜିଗଡ଼ ରୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ, ନୂତନ ହସ୍ପିଟାଲ କୋଠା ନିର୍ମାଣ, ଷ୍ଟାଫ୍ କ୍ୱାର୍ଟର ନିର୍ମାଣ, ମଧୁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ଥିବା ପଦବୀ ପୂରଣର ଆବଶ୍ୟକ୍ତା ରହିଛି। ବିଶ୍ୱନାଥପୁରଠାରେ ଏକ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣର ଆବଶ୍ୟକ୍ତା ରହିଛି। ଦୁଇଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟ ତିନୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନିରାମୟ ଯୋଜନାରେ ପର୍ଯ୍ୟାପ୍ତ ପରିମାଣର ଔଷଧ ଯୋଗାଇଦେବାର ଆବଶ୍ୟକତା ରହିଛି।ବ୍ଲକର ଘାଟି ଅଞ୍ଚଳରେ ଅଚଳ ହୋଇ ପଡ଼ିଥିବା ବାଇକ୍ ଆମ୍ବୁଲାନ୍ସ ସଜାଡିବା ସହିତ ସ୍ୱତନ୍ତ୍ର ଭାବେ ଆଉ ଗୋଟିଏ ୧୧୨ ଆମ୍ବୁଲାନ୍ସ ଯୋଗାଇ ଦେବାର ଆବଶ୍ୟକ ରହିଛି। ଏସବୁ ଦାବିନେଇ ପ୍ରେସ କ୍ଲବର କର୍ମକର୍ତ୍ତା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗଙ୍କ ନେତୃତ୍ୱରେ ଉପଦେଷ୍ଟା କୈଳାସ ସାହୁ, ଉପସଭାପତି କ୍ଷମାନିଧି ମହାଖୁଡ଼, ସାଧାରଣ ସମ୍ପାଦକ ଏମ୍. ଚନ୍ଦ୍ରଶେଖର, କୋଷାଧ୍ୟକ୍ଷ ପରେଶ ନାୟକ, ସଦସ୍ୟ ରମେଶ ଚନ୍ଦ୍ର ନାୟକ, ଦିଲୀପ ନାଏକ, ପ୍ରଭୁରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।ପ୍ରେସ କ୍ଲବ୍‌ର ଏହି ଦାବିଗୁଡ଼ିକ ଯଥାର୍ଥ ଓ ବର୍ଷକ ମଧ୍ୟରେ ବିଭାଗ ଏସବୁ ସମାଧାନ ପାଇଁ ପଦକ୍ଷେପ ନେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଜାଲ୍ ସାର୍ଟିଫିକେଟରେ ଶିକ୍ଷକ ଚାକିରି

# ନାଲି ଫିତାତଳେ କାର୍ଯ୍ୟାନୁଷ୍ଠାନ; ଘଣ୍ଟ ଘୋଡ଼ାଉଛନ୍ତି ଅଧିକାରୀ

**ନୂଆପଡ଼ା, ୭।୫(ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ଅଞ୍ଚଳରେ ବିଭିନ୍ନ ବିଦ୍ୟାଳୟରେ ଜାଲ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ ଦାଖଲ କରି ବହୁ ଶିକ୍ଷକ ଶିକ୍ଷକତା କରି ବାର୍ଷିକ ଲକ୍ଷାଧିକ ଟଙ୍କା ସରକାରୀ ତହବିଲରୁ ଲୁଟି ନେଉଥିବା ଅଭିଯୋଗ ହେଉଛି। ଏହା ଉପରେ ତଥ୍ୟ ଭିତିକ ଅଭିଯୋଗ ହେଲା ପରେ ମଧ୍ୟ ବିଭାଗ ନିଦାବିଷ୍ଟ ହୋଇ ରହୁଥିବାରୁ ସମସ୍ତଙ୍କୁ ନୈତିକତାର ଶିକ୍ଷା ଦେଉଥିବାର ଦ୍ୱାହି ଦେଉଥିବା ଶିକ୍ଷା ବିଭାଗର ଆସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ପ୍ରାପ୍ତ ଏକ ଅଭିଯୋଗ ମୁତାବକ ବୋଡେନ ବ୍ଲକ ଡମଝର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକ ଜାଲ ଡିଗ୍ରୀ ସହ ବିଏଡ ସାର୍ଟିଫିକେଟ ଦାଖଲ କରି ଆଜିକୁ ଦୀର୍ଘ ବର୍ଷ ହେବ ସହକାରୀ ଶିକ୍ଷକ ଭାବେ ଅବସ୍ଥାପିତ ରହିଛନ୍ତି। ଏପରିକି ଅନ୍ୟଜଣଙ୍କ ନାଁରେ ପଞ୍ଜୀକୃତ ଥିବା ସାର୍ଟିଫିକେଟ ଦେଇ ଚାକିରି କରିବା ବିଭାଗୀୟ ଉଦାସୀନତାକୁ ପଦାରେ ପକାଇଦେଇଛି। ଏହା ଉପରେ ଜିଲ୍ଲା ଶିକ୍ଷାବିଭାଗ ନିକଟରେ ତଥ୍ୟସହ ଅଭିଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ଛତ୍ର ଛାୟାତଳେ ରଖାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଜନୈକ ଶିକ୍ଷକ ୨୦୧୪ମସିହାରେ ଖଡିଆଳ ବ୍ଲକ ରାନୀମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାସହାୟକ ଭାବେ ନିଯୁକ୍ତି ପାଇଥିଲେ। ଦୁଇ ବର୍ଷ ପରେ ଜୁନିୟର ଶିକ୍ଷକ ଭାବେ ପଦୋନ୍ନତି ପାଇ ବୋଡେନ ବ୍ଲକ ଡମଝର ବିଦ୍ୟାଳୟକୁ ବଦଳି ହୋଇଯାଇଥିଲେ। ସେଠାରେ ପୁଣି ପଦୋନ୍ନତି ପାଇ ସହକାରୀ ଶିକ୍ଷକ ଭାବେ ଚାକିରି କରୁଛନ୍ତି। ଦୀର୍ଘ ବର୍ଷ ଧରି ଚାକିରି କରିବା ପରେ କୌଣସି ସୂତ୍ରରୁ ଚର୍ଚ୍ଚାକୁ ଆସିଲା ଯେ ସେ ଦାଖଲ କରିଥିବା ବିଏଡ ସାର୍ଟିଫିକେଟରେ ୧୯୯୨ ମସିହାରେ ବିଏଡ ପଞ୍ଜୀକରଣ ହୋଇଛି। ପୁଣି ତାଙ୍କ ଯୁକ୍ତ ତିନି ପାସ କରିଥିବା ସାର୍ଟିଫିକେଟରେ ୧୯୯୫ ରହିଛି। ସେ ଯୁକ୍ତ ତିନି ପାସ କରିବା ପୂର୍ବରୁ କିପରି ବିଏଡ ପାଇଁ ପଞ୍ଜୀକରଣ କରିଛନ୍ତି। ଏହା ଶିକ୍ଷକ ମହଲରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହାକୁ ଭିତିକରି ଜଣେ ସଚେତନ ଶିକ୍ଷକ ବିଏଡ଼ ସାର୍ଟିଫିକେଟର ସତ୍ୟତା ଉପରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ସୂଚନା ଅଧିକାରୀ ଆଇନ ବଳରେ ରିପୋର୍ଟ ମାଗିଥିଲେ। ସେହି ସୂତ୍ରରୁ ଜଣାପଡ଼ିଲା ଯେ ବିଶ୍ୱବିଦ୍ୟାଳୟ ପରୀକ୍ଷକ ଜଣାଇଲେ ଯେ ଉକ୍ତ ଶିକ୍ଷକ ଦାଖଲ କରିଥିବା ବିଏଡ ସାର୍ଟିଫିକେଟ ପଞ୍ଜୀକରଣ ନମ୍ବର ୩୪୧୧୫/୯୨ ରେ କୁଆଡେ ନିମାପଡ଼ାନିବାସୀ ବାଉରୀ ବନ୍ଧୁ ସ୍ୱାଇଁ ନାମକ ବ୍ୟକ୍ତି ପାସ କରିଛନ୍ତି। ଅନିରୁଦ୍ଧ ବେହେରା ନାମରେ କୌଣସି ବ୍ୟକ୍ତି ତାଙ୍କ ୟୁନିଭର୍ସିଟିରୁ ପାସ କରିନାହାଁନ୍ତି। ତେବେ ଏହି ରିପୋର୍ଟ ଅଭିଯୋଗକାରୀ ଶିକ୍ଷକ ଜଣକ ନୂଆପଡ଼ା ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିବାପରେ ଜିଲ୍ଲାପ୍ରଶାସନ ତନାଘନା ତଦନ୍ତ କରିଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ନୂଆପଡ଼ା ଜିଲ୍ଲାଶିକ୍ଷାଧିକାରୀ ପତାଙ୍କ ସଂଖ୍ୟା ୧୧୩୫/୧୩.୨.୨୪ରେ ବୋଡେନ ବ୍ଲକ ଶିକ୍ଷାଧିକାରୀଙ୍କୁ ସାତ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ କରାଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଫାଇଲ ତଳେ ଚାପି ହୋଇ ରହିଛି। ସୂଚନାଯୋଗ୍ୟ ଯେ ଶିକ୍ଷକ ନିଯୁକ୍ତି ସମୟରେ ଅଧିକାରୀମାନେ ସାର୍ଟିଫିକେଟ ଯାଞ୍ଚ ଠିକ ଭାବରେ କରୁଛନ୍ତି କି ନାହିଁ ଯଦି ବା କରୁଛନ୍ତି ତେବେ ପ୍ରାର୍ଥୀମାନଙ୍କ ସହ ସଲାସୁତୁରା କରି ଟାଳି ନେଉଛନ୍ତି ଏହି ତଥ୍ୟରୁ ସ୍ପଷ୍ଟ ବାରି ହେଉଛି। ଏହା ଉପରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ପଚାରିବାରୁ ଆମେ ତଦନ୍ତ ଜାରି ରଖିଛୁ ବୋଲି କହିଛନ୍ତି। ଏହିଭଳି ଜିଲ୍ଲାବ୍ୟାପି ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଜାଲ ସାର୍ଟିଫିକେଟ ଦାଖଲ କରି ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କା ଚଳୁ କରୁଛନ୍ତି। ତେଣୁ ଏହାକୁ ଗୁରୁତର ସହ ବିଚାର କରି ଜିଲ୍ଲାପାଳ ହସ୍ତକ୍ଷେପ ପୂର୍ବକ ସମ୍ପୃକ୍ତ ଶିକ୍ଷକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବା ସହ ଏହି ପ୍ରକ୍ରିୟାରେ ସମ୍ପୃକ୍ତ ଅଧିକାରୀ, କର୍ମଚାରୀମାନଙ୍କ ଉପରେ ମଧ୍ୟ କଡା କାର୍ଯ୍ୟାନୁଷ୍ଠାନ କରିବାକୁ ସାଧାରଣରେ ଦାବି ହେଉଛି।

# ପେଟ୍ରୋଲ ପମ୍ପରେ ମିଳୁନି ଫ୍ରି ଏୟାର

**ଧର୍ମଗଡ଼, ୭।୫ (ସମିସ):** ପେଟ୍ରୋଲ ପମ୍ପ ଖୋଲିବା ସମୟରେ ପେଟ୍ରୋଲିୟମ କମ୍ପାନୀମାନେ ଯାନବାହାନ ଗୁଡିକର ଅତ୍ୟାବଶ୍ୟକ ସାମଗ୍ରୀର ସୁବିଧା ରଖିବା ବାଧ୍ୟତାମୂଳକ କରିଛନ୍ତି। ପମ୍ପ ଖୋଲିବା ପାଇଁ ଲାଇସେନ୍ସ ମଞ୍ଜୁର କରିବା ପୂର୍ବରୁ ଗ୍ରାହକଙ୍କ ପାଇଁ ପମ୍ପ ପରିସରରେ ଶୌଚାଳୟ, ପିଇବା ପାଣି, ଗାଡ଼ି ଗୁଡ଼ିକରେ ପମ୍ପ ଦେବା ପାଇଁ ମୁକ୍ତବାୟୁର ବ୍ୟବସ୍ଥା କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ କଳାହାଣ୍ଡି ଜିଲ୍ଲା ଉପଖଣ୍ଡର ଅଧିକାଂଶ ପେଟ୍ରୋଲ ପମ୍ପରେ ଗାଡ଼ି ଚାଳକଙ୍କ ବ୍ୟବହାର ପାଇଁ ମୁକ୍ତବାୟୁର ବ୍ୟବସ୍ଥା କରାଯାଉ ନଥିବା ଦେଖାଯାଇଛି। ଏପରିକି ଅନେକ ପମ୍ପରେ ଶୌଚାଳୟର ବ୍ୟବସ୍ଥା କରି ସୁଦ୍ଧା କେବଳ ସେହି ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ଭରୁଥିବା ଗ୍ରାହକଙ୍କୁ ମାଗଣା ଶୌଚାଳୟ ସୁବିଧା ଯୋଗାଉଥିବା ଦେଖାଯାଇଛି। ଉପଖଣ୍ଡର କିଛି ପେଟ୍ରୋଲ ପମ୍ପରେ ମାଲିକ ନିଜସ ଉଦ୍ୟମରେ ମୁକ୍ତବାୟୁ ବ୍ୟବସ୍ଥା କରିଥିବାବେଳେ ଅଧିକାଂଶ ପମ୍ପରେ କେବଳ ଧର୍ମକୁ ଆଖି ଠାର ଭଳି ରଖାଯାଇଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁସାରେ, ଉପଖଣ୍ଡର ଧର୍ମଗଡ଼ରେ ୬ ଟି, ଗୋଲାମୁଣ୍ଡାରେ ୩ ଟି, କେଗାଁ ୧ଟି, କୋକସରା ୧ ଟି, ବେହେରା ୨ ଟି, କଳମପୁର ୧ ଟି, ଜୟପାଟଣା ୨ ଟି ଓ ଜୁନାଗଡ଼ ସହର ଭିତରେ ୨ ଟି ପେଟ୍ରୋଲ ପମ୍ପ ରୁ ଅଧିକ ରହିଛି ।ଉପଖଣ୍ଡର ସମସ୍ତ ବ୍ଲକ ଓ ସହରାଞ୍ଚଳର ମୁଖ୍ୟରାସ୍ତା ସହ ବିଭିନ୍ନ ରାସ୍ତାକଡରେ ବିଭିନ୍ନ ପେଟ୍ରୋଲିୟମ କମ୍ପାନୀର ପ୍ରାୟ ୨୫ରୁ ଅଧିକ ପେଟ୍ରୋଲ ପମ୍ପ ରହିଛି। ଅନେକ ପମ୍ପରେ ଲୋକଙ୍କ ସୁବିଧା ବ୍ୟବସ୍ଥା ବର୍ଷବର୍ଷ ଧରି ଅଚଳ ହୋଇ ପଡ଼ି ରହିଥିବାବେଳେ ଖୋଦ୍ ଉପଖଣ୍ଡ ମୁଖ୍ୟାଳୟ ଧର୍ମଗଡ଼ରେ ଥିବା ବିଭିନ୍ନ ପେଟ୍ରୋଲ ପମ୍ପରେ ସୁବିଧା ରହୁ ନଥିବା ଦେଖାଯାଇଛି। ପେଟ୍ରୋଲିୟମ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଜିଲ୍ଲା ପ୍ରଶାସନ ସତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଭତ୍ତା ଅପେକ୍ଷାରେ ୨୨୨୦ ହିତାଧିକାରୀ

**କେସିଙ୍ଗା, ୭।୫(ସମିସ):** ରାଜ୍ୟରେ ୬୦ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧା, ବିଧବା ମହିଳା ଓ ଭିନ୍ନକ୍ଷମମାନେ ବଞ୍ଚିଥିବା ପର୍ଯ୍ୟନ୍ତ ଯେପରି ସେମାନଙ୍କୁ କୌଣସି ଔଷଧ କିମ୍ବା ଅନ୍ୟ କୌଣସି ଛୋଟ ଛୋଟ କାମ ଟଙ୍କାର ଅସୁବିଧା ନ ହେବା ପାଇଁ ସରକାରଙ୍କ ପକ୍ଷରୁ ଭତ୍ତା ପ୍ରଦାନ କରାଯାଇ ସେମାନଙ୍କୁ ଆର୍ଥିକ ସଶକ୍ତ କରାଯାଇଛି। ବିଜେଡି ସରକାର ଅମଳରେ ବାର୍ଦ୍ଧକ୍ୟ ଭତ୍ତା ୧ ହଜାର, ବିଧବା ଭତ୍ତା ୧ ହଜାର ଓ ବିକଳାଙ୍ଗ ଭତ୍ତା ମଧ୍ୟ ବିକଳାଙ୍ଗ ପ୍ରତିଶତ ଦେଖି ଟଙ୍କା ପ୍ରଦାନ କରାଯାଉଥିଲା ଯାହାକି ବର୍ତ୍ତମାନ ସରକାରରେ ମଧ୍ୟ ବଳବତ୍ତର ରହିଛି। କେବଳ ୮୦ବର୍ଷରୁ ଊର୍ଦ୍ଧ୍ୱଙ୍କୁ ବିଜେପି ସରକାର ୩୫ ଶହ ଟଙ୍କା ଓ ଶତ ପ୍ରତିଶତ ବିକଳାଙ୍ଗଙ୍କୁ ୩୫ ଟଙ୍କା ପ୍ରଦାନ କରାଯାଉଛି ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ ।ବିଜେଡି ସରକାର ଅମଳରେ ବୃଦ୍ଧବୃଦ୍ଧାମାନଙ୍କୁ ବର୍ଷା, ଖରା ଓ ଶୀତରୁ ରକ୍ଷା ପାଇବା ପାଇଁ ସମୟ ସମୟରେ ଛତା, ଚପଲ ଓ କମ୍ବଳ ମଧ୍ୟ ପ୍ରଦାନ କରାଯାଉଥିଲା। ଠିକ ସମୟରେ ଭତ୍ତା ମିଳୁଥିଲା କିନ୍ତୁ ବର୍ତ୍ତମାନ ଚପଲ, ଛତା ତ ଦୂରର କଥା ସମୟରେ ଭତ୍ତା ମିଳୁନାହିଁ ବୋଲି ଅନେକ ହିତାଧିକାରୀ ଅଭିଯୋଗ କରୁଛନ୍ତି ।ସେପଟେ କେସିଙ୍ଗା ବ୍ଲକରେ ଥିବା ଭତ୍ତା ସେକ୍ସନର ରିପୋର୍ଟ ଅନୁସାରେ କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତରୁ ୨୧୪୭ ଜଣ ଯୋଗ୍ୟ ହିତାଧିକାରୀ ଭତ୍ତା ଅପେକ୍ଷାରେ ଅଛନ୍ତି। ସେଥିମଧ୍ୟରୁ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ପାଇଁ ୨୦୫୧ ଜଣ, ବିଧବା ଭତ୍ତା ପାଇଁ ୩୨ଜଣ ଓ ବିକଳାଙ୍ଗ ଭତ୍ତା ପାଇଁ ୬୪ ଜଣ ଭତ୍ତା ଅପେକ୍ଷାରେ ଦିନ କାଟୁଛନ୍ତି ।ବ୍ଲକର ସମସ୍ତ ଭତ୍ତା ଆବେଦନର ଚୂଡାନ୍ତ ପ୍ରକ୍ରିୟା ଜିଲ୍ଲା ମୁଖ୍ୟାଳୟରେ ହେଉଥିବାରୁ ଅପେକ୍ଷାର ଦିନ ବଢ଼ି ବଢ଼ି ଯାଉଥିବା ଜଣା ପଡ଼ିଛି ।ସେହିପରି କେସିଙ୍ଗା ଏନ୍‌ଏସିରେ ମଧ୍ୟ ବିଗତ ଏପ୍ରିଲ ମାସ ସୁଦ୍ଧା ୭୩ଜଣ ଯୋଗ୍ୟ ହିତାଧିକାରୀ ଭତ୍ତା ଅପେକ୍ଷାରେ ଅଛନ୍ତି। ସେଥିମଧ୍ୟରୁ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ପାଇଁ ୫୩ ଜଣ, ବିଧବା ଭତ୍ତା ପାଇଁ ୭ ଜଣ ଓ ବିକଳାଙ୍ଗ ଭତ୍ତା ପାଇଁ ୧୩ ଜଣ ହିତାଧିକାରୀ ଭତ୍ତା ପାଇଁ ଅପେକ୍ଷାରତ ଥିବା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରୁ ଜଣାପଡ଼ିଛି।

# କୃତୀ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ବିଜେଡିର ସମ୍ବର୍ଦ୍ଧନା

**ଭବାନୀପାଟଣା, ୭।୫(ସମିସ):** ଚଳିତ ମାଟ୍ରିକ ପରୀକ୍ଷାରେ କଳାହାଣ୍ଡି ଜିଲ୍ଲା ଟପ୍ପର ହୋଇଥିବା ସ୍ୱାତୀ ମହାକୁଡ଼ଙ୍କୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗଣନାଥପୁରଗାଁର ଗରୀବ ଚାଷୀ ପରିବାରରୁ ଆସିଥିବା ଛାତ୍ରୀ ସ୍ୱାତୀ ସରକାରୀ ବିଦ୍ୟାଳୟରେ ପାଠପଢ଼ି କଳାହାଣ୍ଡି ଜିଲ୍ଲାର ଟପ୍ପର



ହୋଇପାରିଛନ୍ତି। ସେ ଜିଲ୍ଲା ପାଇଁ କୃତିତ୍ୱ ଆଣିଥିବାରୁ ଛାତ୍ର ବିଜେଡି କର୍ମକର୍ତ୍ତା ତାଙ୍କ ବାସଭବନକୁ ଯାଇ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ଯୁବନେତା ଶିବା ସାହୁ, ଶ୍ରୀଚନ୍ଦନ ନାଏକ, ନିମସ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

### ଏନ୍‌ଏଚ୍-୨୬ ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ ପ୍ରସଙ୍ଗ

# ପୁନଃ ବିଚାର ପାଇଁ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର

**କୋକସରା, ୭।୫(ସମିସ):** କୋକସରା ଗ୍ରାମ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ଲାଗି ଜମି ଅଧିଗ୍ରହଣର ପୁନଃ ବିଚାର ପାଇଁ ଶୁକ୍ରବାର କୋକସରା ଗ୍ରାମବାସୀଙ୍କ ପକ୍ଷରୁ ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୋକସରା ଗ୍ରାମର



ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟଠାରୁ ଗାୟତ୍ରୀ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଜମି ଚିହ୍ନଟ କରାଯାଇଛି। ଏଥିରେ କିଛି ସ୍ଥାନରେ ରାସ୍ତା ସିଧା ରହିଥିଲେ ହେଁ ବଙ୍କେଇ କରି ଏକତରଫା ଅଧିଗ୍ରହଣ ଲାଗି ଜମି ଚିହ୍ନଟ ହୋଇଥିବା। ରାସ୍ତାର ଅପର ପାର୍ଶ୍ୱରେ କୌଣସି ଜମି ଅଧିଗ୍ରହଣ ପାଇଁ ଜମି ଚିହ୍ନଟ କରାଯାଇନାହିଁ। ସାଧାରଣତଃ ସୁରକ୍ଷା ଦୃଷ୍ଟିରୁ ଅଙ୍କାବଙ୍କା ରାସ୍ତା ଗୁଡିକୁ ସିଧାହେବା ଆବଶ୍ୟକ ଅଟେ। କିନ୍ତୁ ଏହି କ୍ଷେତ୍ରରେ ସିଧା ରାସ୍ତାକୁ ଅଧିକ ବଙ୍କା କରାଯାଇଛି। ବର୍ତ୍ତମାନ ଅଧିଗ୍ରହଣ ଚିହ୍ନଟ ପ୍ରକାରେ ଅନେକ ବ୍ୟକ୍ତିଙ୍କ ବାସଗୃହ କ୍ଷତିଗ୍ରସ୍ତ ହୋଇଛି ଏବଂ ତାଙ୍କର କୌଣସି ବିକଳ୍ପ ନାହିଁ। ସମ୍ପ୍ରସାରଣ ଓ ଜମି ଅଧିଗ୍ରହଣ ଦ୍ୱାରା ହେଉଥିବା ଏଭଳି ୧୩ଟି ସମସ୍ୟା ଉଲ୍ଲେଖ ଥିବା ଦାବିପତ୍ର କୋକସରା ଅତିରିକ୍ତ ତହସିଲଦାର ମୋହନ୍ ଚରଣ ଜେନାଙ୍କ ଜରିଆରେ କଳାହାଣ୍ଡି ଜିଲ୍ଲା, ଧର୍ମଗଡ଼ ଉପଜିଲ୍ଲାପାଳ, ଜାତୀୟ ରାଜପଥ ଅଧିକ୍ଷଣ ଯନ୍ତ୍ରୀ କଳାହାଣ୍ଡି ଓ ଜୟପୁରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରମୋଦ ଅଗ୍ରୱାଲ, ଅଜି ସାହୁ, ପ୍ରମେଦ ନାଏକ, ଅରବିନ୍ଦ ମହାପାତ୍ର ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ମ.ରାମପୁର, ୭।୫ (ସମିସ):** କୃତୀ ଛାତ୍ରଛାତ୍ରୀଙ୍କୁ ଶ୍ରୀଏଜୁକେଶନର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଳାହାଣ୍ଡି ଜିଲ୍ଲା ମ.ରାମପୁର ନିକଟସ୍ଥ ତୁଲୁଙ୍ଗଠାରେ ଥିବା ଶ୍ରୀଏଜୁକେଶନ୍ ଏକାଡେମୀ ପରିଚାଳନା ନିର୍ଦ୍ଦେଶକ ସରୋଜ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତସମ୍ବର୍ଦ୍ଧନା ସଭାରେ ପରିଚାଳନା କମିଟିର ସଭାପତି ସପନ କୁମାର ପଟ୍ଟନାୟକ, କୃତୀ ଛାତ୍ରଛାତ୍ରୀଙ୍କୁ ସ୍ମୃତିଫଳକ, କଲମ, ଡାଏରୀ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସିବିଏସସି ମାଟ୍ରିକ ପରୀକ୍ଷାରେ ଆଶ୍ରିତା ସାହୁ(୯୨%), ବିଏସସି ମାଟ୍ରିକ ବୋର୍ଡରେ ରୋଶନ ପଟ୍ଟାନାୟକ(୯୦%). ପିଙ୍କି ପଧାନ(୯୦%) ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ କୃତୀଛାତ୍ରଛାତ୍ରୀ ମଧ୍ୟ ନିଜ ନିଜ ପ୍ରତିକ୍ରିୟା ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରକଳ୍ପ ସଂଯୋଜକ ମନୋଜ ପତି, ଉପସଭାପତି ସସ୍ମିତା ପତି, ଅଧ୍ୟକ୍ଷ(ସିବିଏସସି) ସୁଧାଂଶୁ ଶେଖର ଶତପଥୀ, ଶରତ କୁମାର ଦାଶ(ବିଏସସି) ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ସଫଳତା ଆମର ପୁରସ୍କାର ବୋଲି ପ୍ରକାଶ କରିଥିଲେ। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କ ଅଭିଭାବକ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଶ୍ରୀଏଜୁକେଶନ୍ ଏକାଡେମୀର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ।

# ପଲ୍ଲୀକୁ ପ୍ରଶାସନ କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା, ୭।୫(ସମିସ):** ବାମପନ୍ଥୀ ଉଗ୍ରବାଦ ଦ୍ୱା ପ୍ରଭାବିତ ଗ୍ରାମ ତଥା ଗ୍ରାମବାସୀଙ୍କ ସାମଗ୍ରିକ ଉନ୍ନତି ପାଇଁ 'ଗ୍ରାମୋଦୟ'ଯୁଗାନ୍ତକାରୀ ଯୋଜନା। ସରକାରଙ୍କ ପ୍ରଚଳିତ ବିଭିନ୍ନ ଯୋଜନା ଏବଂ ସୁବିଧା ସୁଯୋଗ ଗୁଡିକୁ ପ୍ରାଥମିକ ଭିତ୍ତିରେ ସବୁ ଗ୍ରାମର ପ୍ରତି ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବା ପାଇଁ ଗୋଲାମୁଣ୍ଡା ବ୍ଲକର ୪ଟି ପଞ୍ଚାୟତ ଯଥା କେଗାଁ, ନୂଆଗାଁ, ସିନାପାଲୀ ଏବଂ ନକଟିକାନିରେ ପଞ୍ଚାୟତସ୍ତରୀୟ ସ୍ୱତନ୍ତ୍ର କ୍ୟାମ୍ପ ବା 'ପଲ୍ଲୀକୁ ପ୍ରଶାସନ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଅଛି। ଉପରୋକ୍ତ ୪ଟି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ କାର୍ଯ୍ୟକ୍ରମରେ ଯୋଗଦାନ କରି ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ସରକାରଙ୍କ



ବିଭିନ୍ନ କଲ୍ୟାଣମୂଳକ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିବା ସହିତ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯାଇ ତୁରନ୍ତ ଯୋଜନାର ଲାଭ ଯୋଗାଇ ଦିଆଯାଇଛି। ଶିବିର ଗୁଡିକରେ ବିଭିନ୍ନ ସରକରୀ ବିଭାଗ ଯଥା ପଞ୍ଚାୟତିରାଜ, ରାଜସ୍ୱ, ମହିଳା ଓ ଶିଶୁ ବିକାଶ, କୃଷି, ଶ୍ରମ, ସ୍ୱାସ୍ଥ୍ୟ, ଖାଉଟି କଲ୍ୟାଣ, ସାମାଜିକ ସୁରକ୍ଷା, ମିଶନ ଶକ୍ତି, ଜଙ୍ଗଲ ଏବଂ ପରିବେଶ, ବ୍ୟାଙ୍କିଙ୍ଗ ସେବା ଆଦିର ଅଧିକୃତ କର୍ମଚାରୀ ମାନେ ଯୋଗଦେଇ ଲୋକମାନଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ତଥ୍ୟ ଯୋଗାଇବା ଥିଲେ। ଗୋଲାମୁଣ୍ଡା ବିଡିଓ ତ୍ରିପୁର ମହାନନ୍ଦ ଏବଂ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଶିବିର ଗୁଡିକ ଆୟୋଜନ କରାଯାଇଥିଲା କେଗାଁ, ନୂଆଗାଁ, ସିନାପାଲୀ ଏବଂ ନକଟିକାନି ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ସରପଞ୍ଚମାନେ ଶିବିର ଗୁଡିକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ସହ ନିର୍ଦ୍ଦେଶକ, ସଞ୍ଚୟ ଓ ଆର୍ଥିକ ସେବା ତଥା କାର୍ଯ୍ୟକ୍ରମର ଜିଲ୍ଲା ନୋଡାଲ ଅଧିକାରୀ ବିବେକାନନ୍ଦ ମହାନନ୍ଦ ଏବଂ ଏଲଡିଏମ କଳାହାଣ୍ଡିଙ୍କ ସମନ୍ୱୟ ଯୋଗୁଁ ସ୍ୱତନ୍ତ୍ର ଶିବିର ଗୁଡିକ ସଫଳତାର ସହ ଆୟୋଜିତ ହୋଇଛି।

### କାପସି ଗଳିରାସ୍ତା ପାଣି ନିଷ୍କାସନ ସମସ୍ୟା

# ବିଡିଓଙ୍କ ପରିଦର୍ଶନ, ଖୁବଶୀଘ୍ର କାମ କରିବାକୁ ପ୍ରତିଶ୍ରୁତି

ସିନାପାଲି, ୭।୫(ସମିସ)

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଦର ପଞ୍ଚାୟତ କାପସିଗ୍ରାମରେ ଦୀର୍ଘ ବର୍ଷ ହେଲା ବସ୍ତି ଭିତର ରାସ୍ତାରୁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ସମସ୍ୟା ସୃଷ୍ଟି ହେଉଥିବା ବେଳେ ଯାତାୟାତ ରେ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖିନ ହେଉଛନ୍ତି ।ମଇଳା ପାଣି ଜମା ରହୁଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନଥିବାରୁ ଗ୍ରାମବାସୀ କାଦୁଅ ଓ ଦୁର୍ଗନ୍ଧମୟ ପାଣିରେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ସେନେଇ ଗତ ୫ ତାରିଖ ଦିନ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ସିନାପାଲି ବିଡିଓ କାର୍ମି ଓରାମ ଉକ୍ତ ଗଳି ରାସ୍ତାକୁ ପରିଦର୍ଶନରେ ଯାଇ ଖୁବ ଶୀଘ୍ର ସମସ୍ୟାର ସମାଧାନ ତଥା ଡ୍ରେନ ଓ ରାସ୍ତା ନିର୍ମାଣ କାର୍ଯ୍ୟ ହେବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମବାସୀ ଙ୍କ ଅଭିଯୋଗ ଅନୁସାରେ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ଅନେକ ପ୍ରଶାସନ ଅଧିକାରୀ କର୍ମଚାରୀ ରାସ୍ତା ଦେଖି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାମ ହୋଇନାହିଁ। ଜନପ୍ରତିନିଧି ଓ ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଇ ଆସୁଥିବା ବେଳେ ବାସ୍ତବରେ କାର୍ଯ୍ୟକାରୀ ହେଉନଥିବାରୁ ଜନଅସନ୍ତୋଷ ଦେଖାଦେଉଛି। ଏହି ରାସ୍ତା ଦୁଇ ପାର୍ଶ୍ୱରେ ମାଝି, ଗଉଡ଼, ମାଲି, ମୁସଲିମ ଓ, ବ୍ରାହ୍ମଣ ବର୍ଗର ଲୋକେ ବସବାସ କରୁଥିବା ବେଳେ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ପାଣି ନିଷ୍କାସନର



କୌଣସି ସୁବିଧା ନଥିବାରୁ ରାସ୍ତା ଉପରେ ପାଣି ବର୍ଷ ବର୍ଷ ଧରି ଜମି ରହୁଛି। ସ୍ଥାନୀୟ ବାସିନ୍ଦା ବାରମ୍ବାର ରାସ୍ତା ଓ ଡ୍ରେନ ନିର୍ମାଣ ଲାଗି ପ୍ରଶାସନ ଠାରେ ନିବେଦନ କରିଥିବା ବେଳେ ପ୍ରଶାସନ କର୍ଣ୍ଣପାତ କରୁନଥିବା ଲୋକେ ଅଭିଯୋଗ କରିଥିବା ବେଳେ ଏହାର ସମାଧାନ ନହେଲେ ଆଗାମୀ ପଞ୍ଚାୟତ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ସମସ୍ୟା ଗଣମାଧ୍ୟମରେ ପ୍ରଚାର ପ୍ରସାର ହେବା ପରେ ସିନାପାଲି ବିଡିଓ କାର୍ମି ଓରାମ ତତ୍ପରତା ଦେଖାଇ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀ ସହ ଆଲୋଚନା କରି ଖୁବ ଶୀଘ୍ର କାମ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପରିଦର୍ଶନ ସମୟରେ ସିନାପାଲି ସରପଞ୍ଚ ସୁନିତା ମେହେର, ସମାଜସେବୀ ଅମିତ ଜୈନ, ରାଜୁ ମେହେର, ବିହାରିଲାଲ ମଣ୍ଡା, ହେମନ୍ତ ମାଝି, ଶେକବାସ ଖାନ, ନାସିର ଖାନ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

# ମାଟ୍ରିକ ଏ-ୱାନ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**କୋକସରା, ୭ ।୫(ସମିସ):** ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ପାସ୍ କରିଥିବା କୋକସରା ଜବାହର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସ୍କୁଲ ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ଧର୍ମଗଡ଼ ବିଧାୟକ ମୌଷଧି ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଡାକ୍ତର କେଶବ ଲାଲ ବାଗ, ବିଇଓ ମହେଶ କୁମାର ଭାଟି, କୋକସର ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ସ୍କୁଲ ପରିଚାଳନା କମିଟି ସଦସ୍ୟ ତ୍ରିଭୁବନ ନାଏକ, ମାଝିଗୁଡା ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ କିଶୋର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ଆଦ୍ୟାଶ୍ମିତା ବିଷି, ଦିବ୍ୟାଶ୍ରୀ ପ୍ରଧାନୀ ଓ ଛାତ୍ର ନରୋତ୍ତମ ବାଗ ମାଟ୍ରିକ ପରୀକ୍ଷାରେ ୫୪୦ ମାର୍କ (୯୦ ପ୍ରତିଶତ) ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଥିବାରୁ ୩ଜଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ହେମନ୍ତ ମାଝୀ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ସୀମାରାଣି ସିଂ ଓ ଶିକ୍ଷକ ସୁନୀଲ କୁମାର ବିଶୋଇ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବ୍ଲକ୍ ଟପ୍ପର ସ୍ନେହାସିନୀ ଭୋଇଙ୍କୁ ସମ୍ବର୍ଦ୍ଧନା



**ଧର୍ମଗଡ଼, ୭ ।୫(ସମିସ):** ଚଳିତ ମାଟ୍ରିକ ପରୀକ୍ଷାରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକରେ ସର୍ବାଧିକ ୫୬୨ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ନେହାସିନୀ ଭୋଇଙ୍କୁ ପଣ୍ଡରାମାଳି ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଧର୍ମଗଡ଼ ନିବାସୀ ରାଜେନ୍ଦ୍ର ଭୋଇଙ୍କ ସାନ ଭାଇ ରାଜ କିଶୋର ଭୋଇଙ୍କ ସୁପୁତ୍ରୀ ସ୍ନେହାସିନୀ ସଫଳତା ପାଇଁ ସମଗ୍ର ପଣ୍ଡରା ମାଳି ଜାତି ଓ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଜିଲ୍ଲା ପଣ୍ଡରା ମାଳି ସମାଜର ପ୍ରତିନିଧିମାନେ ସ୍ନେହାସିନୀଙ୍କ ବାସଭବନକୁ ଯାଇ ତାଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଜିଲ୍ଲା ପଣ୍ଡରା ମାଳି ସମାଜର କୁଳପତି ପ୍ରକାଶ ଚନ୍ଦ୍ର ନାଏକ, ଆଇନ ପରାମର୍ଶଦାତା ଦୁର୍ଗା ପ୍ରସାଦ ନାଏକ ଏବଂ ଜିଲ୍ଲା ଉପସଭାପତି ରାଜିନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ବାହିନୀ ସଭାପତି ଭବାନୀ ଶଙ୍କର ବଣିଆ, ସମ୍ପାଦକ ଲୋକେଶ ନାଏକ, ବେଣୁଧର ମଶ୍ରା, ରତନ ନାଏକ, ଭରତ ରଣା, ପ୍ରମୋଦ ଟୋଲଟିଆ, ଖୁସୀ ରାମ ଟୋଲଟିଆ, ରୋହିତ ନାଏକ ଏବଂ ଧର୍ମଗଡ଼ ଏନ୍‌ଏସି ଯୁବବାହିନୀ ସଭାପତି ସୋମ୍ୟରଞ୍ଜନ ନାଏକ, ମୁନି ରାମ ମାଝୀ ଓ ସୁମିତ ବଣିଆଙ୍କ ସମେତ ଅନେକ ସାମାଜିକ କର୍ମକର୍ତ୍ତା ଉପସ୍ଥିତ ରହି ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ବିଡିଓଙ୍କ ସହ ବିଜେଡି କର୍ମକର୍ତ୍ତାଙ୍କ ଆଲୋଚନା



**ଧର୍ମଗଡ଼, ୭ ।୫(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକର ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ବିଜେଡି କର୍ମକର୍ତ୍ତା ବିଡ଼ିଓଙ୍କ ସହ ଆଲୋଚନା କରିଛନ୍ତି। ବ୍ଲକ ବିଜେଡି ସଭାପତି ଡାକେ ଲହଜଲ ଏବଂ ମହିଳା ସଭାନେତ୍ରୀ ମମତାରାଣୀ ଗୋପାଳଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ବିଡିଓ ସଦାଶିବ ନାୟକଙ୍କୁ ଭେଟି ଅଞ୍ଚଳର ସମସ୍ୟା ବିଷୟରେ ଅବଗତ କରାଇଛନ୍ତି।ସୂଚନା ଅନୁଯାୟୀ, ଏହି ଆଲୋଚନାରେ ମୁଖ୍ୟତଃ ଟିପିଗୁଡ଼ା ପଞ୍ଚାୟତର କିର୍କାକାନିକୁ 'ବସୁଧା ଯୋଜନା' ମାଧ୍ୟମରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ଏବଂ ଧର୍ମାଁରପୁର ପଞ୍ଚାୟତର ମାଲପଡ଼ାକୁ ସ୍ଥାୟୀ ରାସ୍ତା ନିର୍ମାଣ କରିବା ପାଇଁ ଦାବି ହୋଇଛି। ବଡଫୁର୍ଲା ଓ ତେଣ୍ଡାପାଲି ପଞ୍ଚାୟତର ସାନ କେନ୍ଦୁଗୁଡ଼ା ଓ ପଦମପୁର ଅଞ୍ଚଳକୁ 'ଲକ୍ଷ୍ମୀବସ୍' ସେବା ସମ୍ପ୍ରସାରିତ କରିବାକୁ ସଭାପତି ଗୁରୁତ୍ୱାରୋପ କରିଛନ୍ତି। ଅଞ୍ଚଳବାସୀଙ୍କ ଜଟିଳ ସମସ୍ୟାଗୁଡ଼ିକ ଉପରେ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଧର୍ମଗଡ଼ ବ୍ଲକ ବିଜେଡି ରାଜରାସ୍ତାକୁ ଓହ୍ଲାଇ ଧାରଣା ଦେବ ବୋଲି ଚେତାବନୀ ଦିଆଯାଇଛି।

**କଳାହାଣ୍ଡି ସବୁଜ ହୀରାର କଳା କାହାଣୀ**

# ଘରୋଇ କମ୍ପାନୀ ଚଳାଇଛନ୍ତି କୋଟିକୋଟି ଟଙ୍କାର ବେପାର

**ଭବାନୀପାଟଣା, ୭ ।୫(ସମିସ)**

କଳାହାଣ୍ଡି ଜିଲ୍ଲାରେ କେନ୍ଦୁପତ୍ରକୁ ନେଇ କୋଟିକୋଟି ଟଙ୍କାର କାରବାର ଏବେ ସଙ୍କଟମୟ ସ୍ଥିତିରେ ଗତି କରୁଛି। ସରକାର ବିପୁଳ ପରିମାଣର ରାଜସ୍ୱ ହରାଇବା ସତ୍ତ୍ୱେ ଆଦୌ ବିଚଳିତ ନହେବା ବିଷୟ ସମସ୍ତ ଚିନ୍ତା ବଢ଼ାଉଛି। ଜିଲ୍ଲାରେ ବାହାର ରାଜ୍ୟ କମ୍ପାନୀର ଦଲାଲମାନେ ସମ୍ଭାଳୁଛନ୍ତି କେନ୍ଦୁପତ୍ର ବେପାର। ଏସିଆ ମହାଦେଶର ସର୍ବାଧିକ ଉନ୍ନତମାନର କେନ୍ଦୁପତ୍ର କଳାହାଣ୍ଡି ଓ ବଲାଙ୍ଗିର ବନାଞ୍ଚଳରେ ଦେଖିବାକୁ ମିଳେ। ତେଣୁ ଅଧିକ ଗୁଣବତ୍ତା ଥିବା କେନ୍ଦୁପତ୍ରକୁ ହାତେଇବା ପାଇଁ ପଶ୍ଚିମବଙ୍ଗ ଓ ଛତିଶଗଡ଼ର ବଡ଼ ବଡ଼ କମ୍ପାନୀ କଳାହାଣ୍ଡିରେ କାୟାବିସ୍ତାର କରି ରାଜ କରୁଛନ୍ତି। ଦୁଃଖ ଓ ପରିତାପର ବିଷୟ ଏହା ଯେ ବିଭିନ୍ନ ରେଞ୍ଜର କର୍ମଚାରୀ ସଂଗଠନ, ଜିଲ୍ଲା ସଂଘ କର୍ମକର୍ତ୍ତା ତଥା ଚିରାଗ ସିଂହଦେଓ ପ୍ରମୁଖ ଜଙ୍ଗଲ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତଭାବେ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। କେନ୍ଦୁପତ୍ର ଡିଭିଜନ ଅଛି ଅଧିକାରୀ ଓ କର୍ମଚାରୀ ଅଛନ୍ତି କିନ୍ତୁ କେନ୍ଦୁପତ୍ର ବାହାରକୁ ଚାଲାଣ କ୍ଷେତ୍ରରେ ବିଲକୁଲ ଚିନ୍ତିତ ନଥିବା ଆଲୋଚନା ହେଉଛି। ଅନୁଭବ ହେଉଛି ବିଭାଗ ଯେମିତି ବାହାର କମ୍ପାନୀଙ୍କ ପାଇଁ ସବୁ ଦ୍ୱାର ଖୋଲା କରିଦେଇଛି। ଜିଏସ୍‌ଟି ଠାରୁ ଆରମ୍ଭକରି ଅନ୍ୟ ଯାବତୀୟ ଟ୍ୟାକ୍ସ ଫାଙ୍କି ଲୁଟ ଚାଲିଛି ତଥାପି ଡିଏଫ୍‌ଓ ରାଜ୍ୟରେ ରାଜସ୍ୱ ଆଦାୟରେ କଳାହାଣ୍ଡି ଭଲ ସ୍ଥିତିରେ ଅଛୁ କହି ଆତ୍ମସନ୍ତୋଷ ପାଉଛନ୍ତି। ଜିଲ୍ଲାରେ ବର୍ଷ ବର୍ଷ ହେଲା ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଓ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ନାଁରେ ସବୁ ଆଇନକାନୁନକୁ ଫାଙ୍କିଦେଇ ଖୁଲମଖୁଲା ଲୁଟ ଚାଲିଛି। ଘରୋଇ ସଂସ୍ଥାମାନେ ଏହାର ମୁଖ୍ୟ କାର୍ପେଟଦାର ସାଜିଥିବା ବେଳେ କଳାହାଣ୍ଡି ଜିଲ୍ଲାର ଗାଁ ଗାଁରେ ଗ୍ରାମସଭା ନାଁରେ ଏକ ଆନ୍ତଃରାଜ୍ୟ କେନ୍ଦୁପତ୍ର ଶହଶହ ଋତୁକାଳୀନ କର୍ମଚାରୀ ନିୟୋଜିତ ହୋଇଥାନ୍ତି। କେନ୍ଦୁପତ୍ର ସିଜନ ଗଲାପରେ ବାଧ୍ୟହୋଇ ଶେଷରେ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବାକୁ ପଡୁଛି। ଅନ୍ୟପକ୍ଷରେ ବୋନସ ଅର୍ଥ ବୃଦ୍ଧି ପରିବର୍ତ୍ତେ ଏବେ ବୋନସ ଅର୍ଥ ୫୦ ପ୍ରତିଶତରୁ ଖସି ୨୫ ପ୍ରତିଶତ ଯୋଗାଇ ଦିଆଯାଉଛି। ଗୋଷ୍ଠୀଗତ ଜଙ୍ଗଲ ଦେଖାଉଛନ୍ତି। କଳାହାଣ୍ଡି ଜିଲ୍ଲାରେ ଗ୍ରାମସଭା ଦ୍ୱାରା କେନ୍ଦୁପତ୍ର କିଣାରେ କୋଟିକୋଟି ଟଙ୍କାର ହେରଫେର ହେଉଥିବା ଓ ଏଥିରେ ଆନ୍ତଃରାଜ୍ୟ କେନ୍ଦୁପତ୍ର ମାଫିଆ ସାମିଲ ଥିବା ସରକାର ଜାଣିଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଶୂନ। କେନ୍ଦୁପତ୍ର ବିଭାଗ ଦ୍ୱାରା କେଉଁ ଗୋଷ୍ଠୀ କେତେ ପରିମାଣର ଅଞ୍ଚଳରେ ବାହାରକୁ କୋଟିକୋଟି ଟଙ୍କାର କେନ୍ଦୁପତ୍ର ଚାଲାଣ ଚାଲିଛି। ବାସ୍ତବିକ ରାଜ୍ୟ ବାହାରକୁ କେନ୍ଦୁପତ୍ର ଚାଲାଣ ବେଳେ କୌଣସି କାଗଜପତ୍ର କି ଟ୍ରାଞ୍ଜିଟ ପରିମିଟ ନଥାଇ କିପରି ସବୁ ସମ୍ଭବ ହୋଇପାରୁଛି ବୋଲି ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି। ବିଭିନ୍ନ ବନାଞ୍ଚଳରୁ କେନ୍ଦୁପତ୍ର ବିଭାଗର ଅଗୋଚରରେ କେତେ





ଲୁଟେରାଦଳ କେବଳ ଫାଇଦା ନେଉଛନ୍ତି। ତେବେ ସବୁଜ ହୀରା କୁହାଯାଉଥିବା କେନ୍ଦୁପତ୍ର ଗୋଛାକଟାରୁ ଆରମ୍ଭ ହେଉଛି ଦୁଃଖର କାହାଣୀ। ବାହାର ରାଜ୍ୟର କିଛି ସଂସ୍ଥା ଅଗ୍ରୀମ ଟଙ୍କା ଧରାଇ ବେପାରକୁ କବଜା କରୁଛନ୍ତି। ଅନ୍ୟପଟେ ସରକାର କେନ୍ଦୁପତ୍ର ବିଭାଗ ହାତରେ କେନ୍ଦୁପତ୍ରର ବେଆଇନ ଚାଲାଣ ହେଉଥିବା ଗାଡ଼ିକୁ ଜବତ କରିବାର କ୍ଷମତା ଦେଇନାହାଁନ୍ତି। କେବଳ ଟେରୀଟରୀୟାଲ ବିଭାଗ ପାଖରେ କ୍ଷମତା ରହିଛି। ଅନେକ ସମୟରେ ଏହି ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ନଥିବା କାରଣରୁ ଅବାଧରେ କେନ୍ଦୁପତ୍ର ବାହାର ରାଜ୍ୟକୁ ଯାଉଥିବା କୁହାଯାଇଛି। ଏହି ବିଭାଗରେ

## ମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ ଓ ଅଫିସର ଚୁପ୍

ଅଧିକାର ଆଳରେ ସମ୍ପୃକ୍ତ ଘରୋଇ ସଂସ୍ଥା ତୋଳାଳୀଙ୍କ ଉନ୍ନତି କଥା କହି ସେମାନଙ୍କ ସ୍ଥିତି ଆହୁରି ଜଟିଳ କରିବାରେ ଲାଗିଛି। କିଛି ବାହାର କମ୍ପାନୀ କେନ୍ଦୁପତ୍ର ନେବାପରେ ଆବଶ୍ୟକୀୟ ପ୍ରାପ୍ୟ ନଦେଇ ଫେରାର୍ ମାରୁଥିବା ମଧ୍ୟ ନଜିର୍ ରହିଛି। କେନ୍ଦୁପତ୍ର ସରକାରୀ ଭାବେ ୨୦ପତ୍ରକୁ ଏକ ଟଙ୍କା ଷାଠିଏ ପଇସା ଥିବାବେଳେ କମ୍ପାନୀ ଦଲାଲ ମାନେ ୫୦ପତ୍ରକୁ ଛଅ ଟଙ୍କା ଦେଇ ଲୋଭ ଗୋଛା କାଟିବା ଠାରୁ କେନ୍ଦୁପତ୍ର ତୋଳିବେ ସ୍ଥାନ ନିର୍ଦ୍ଧାରଣ କରାଯାଇନାହିଁ ଏବଂ ସଠିକ ମ୍ୟାପ୍ ନଥିବା ଯୋଗୁଁ ବିଷମ ପରିସ୍ଥିତି ସୃଷ୍ଟି ହେଉଛି। ଯାହାଫଳରେ ବିଭାଗର ନୀତିହୀନ କାର୍ଯ୍ୟ ଯୋଗୁଁ କେନ୍ଦୁପତ୍ର ତୋଳାଳି ଓ ଋତୁକାଳୀନ କର୍ମଚାରୀମାନେ ହଟହଟାର ଶିକାର ହେଉଥିବା ଲକ୍ଷ୍ୟ କରାଯାଇଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦିଗପ୍ରତି କେହି ଦୃଷ୍ଟି ଦେଉନଥିବା ଗୁରୁତର ଅଭିଯୋଗ ହୋଇଛି। ଫଳରେ ସବୁଜ ହୀରାର ଏହି କଳା କାରବାରରେ ସାଧାରଣ ଲୋକେ ମୋହରା ସାଜିଥିବା ବେଳେ ଗ୍ରାମସଭା କମିଟିଗୁଡିକ ଆନ୍ତଃରାଜ୍ୟ କେନ୍ଦୁପତ୍ର ମାଫିଆଙ୍କ ହାତବାରିସୀ ପାଲଟିଛନ୍ତି। ଚଳିତ ବର୍ଷ ରାଜ୍ୟ ପରିମାଣର କେନ୍ଦୁପତ୍ର କିଣାଯାଇ ବାହାର ରାଜ୍ୟକୁ ଚାଲାଣ କରାଯାଉଛି ତାହାର ସଠିକ ତଥ୍ୟ ବିଭାଗ ନିକଟରେ ନାହିଁ। କଳାହାଣ୍ଡି ଜିଲ୍ଲା କେନ୍ଦୁପତ୍ର ଡିଭିଜନରେ ୬ଟି ରେଞ୍ଜ ଥିବାବେଳେ ୪ଟି ରେଞ୍ଜରେ ରେଞ୍ଜର ପଦବୀ ଖାଲିପଡ଼ିଛି। ରାଜ୍ୟ ଜଙ୍ଗଲ ବିଭାଗ କଳାହାଣ୍ଡି ଜିଲ୍ଲାର ପ୍ରାୟ ୬୧ହଜାର ତୋଳାଳୀଙ୍କ ଜୀବନ ଜୀବିକାରେ କିଭଳି ଉନ୍ନତି ଘଟିବ ଏବଂ ବାହାର କମ୍ପାନୀ ଦଲାଲଙ୍କ ଦୌରାତ୍ମ୍ୟରୁ ଜିଲ୍ଲା ମୁକ୍ତ ହେବ ସେଥିନେଇ ପଦକ୍ଷେପ ନେବାର ସମୟ ଆସିଛି। ନଚେତ୍ କୋଟି କୋଟି ଟଙ୍କାର ରାଜସ୍ୱ ହରାଇବା ନିଶ୍ଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

# ଧର୍ମଗଡ଼ ଅଞ୍ଚଳରୁ ବାଇକ୍ ଚୋରି, ପୁଲିସ ନିରବ

**ଧର୍ମଗଡ଼, ୭ ।୫(ସମିସ):** ଧର୍ମଗଡ଼ ଅଞ୍ଚଳରେ ଦିନକୁ ଦିନ ବାଇକ୍ ଚୋରି ବଢ଼ିବାରେ ଲାଗିଥିବା ବେଳେ ସାଧାରଣଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ବଜାର, ହାଟ, ବ୍ୟାଙ୍କ, ହସ୍ପିଟାଲ ଏବଂ ସରକାରୀ କାର୍ଯ୍ୟାଳୟ ସମ୍ମୁଖରୁ ବାଇକ୍ ଚୋରି ହେଉଥିବା ଅଭିଯୋଗ ଆସୁଛି। ଗତ କିଛି ମାସ ମଧ୍ୟରେ ଗୋଟିଏ ପରେ ଗୋଟିଏ ଚୋରି ଘଟଣା ଘଟିଥିଲେ ମଧ୍ୟ ପୁଲିସ ପକ୍ଷରୁ ସେଭଳି କୌଣସି ଠୋସ ପଦକ୍ଷେପ ନିଆଯାଇନଥିବାରୁ ଲୋକେ ପୁଲିସର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ସୂଚନା ଅନୁସାରେ, ଚୋରମାନେ ବିଶେଷ କରି ଭିଡ଼ ଅଞ୍ଚଳକୁ ଟାର୍ଗେଟ କରୁଛନ୍ତି। ମାତ୍ର କିଛି ମିନିଟ୍ ମଧ୍ୟରେ ବାଇକ ନେଇ ଚମ୍ପଟ ମାରୁଥିବା ବେଳେ ଅନେକ ଘଟଣାରେ ସିସିଟିଭି ଯାଞ୍ଚ ହେଉଥିଲେ ମଧ୍ୟ ଚୋରଙ୍କୁ ଧରିବାରେ ପୁଲିସ ସଫଳ ହୋଇପାରୁନାହିଁ। ଥାନାରେ ଅଭିଯୋଗ କରିବା ପରେ ମଧ୍ୟ ଅଭିଯୋଗ କାରୀମାନେ କେବଳ ତଦନ୍ତର ଆଶ୍ୱାସନ ପାଉଥିବା ଅଭିଯୋଗ କରିଛନ୍ତି।ଗତ କିଛି ଦିନ ତଳେ ଧର୍ମଗଡ଼ କଲରପ୍ଲସ ନିକଟରେ ବାଇକ ରଖିଥିବା ବେଳେ ଚିଲିଚିଲା ଗ୍ରାମର ବାଲଗୋପାଳ ସାଗରଙ୍କ ବାଇକ୍ ଚୋରି ହୋଇଥିଲା। ସେହିପରି ଗତ ଶନିବାର ଦିନ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ଜିତେନ୍ଦ୍ର ନାଏକଙ୍କ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତକାଲି ଅଞ୍ଜଳି ବିୟୁଟିପାର୍ଲର ନିକଟରୁ ସୁକାନ୍ତ ବିଶିଙ୍କ ବାଇକ୍ ଚୋରି ହୋଇଥିବା ବେଳେ ଚିଲିଚିଲା ଗ୍ରାମର ଆଇନଜୀବୀ ସତ୍ୟବାନ ନାଏକଙ୍କ ବାଇକ୍ ମଧ୍ୟ ଚୋରି ହୋଇଥିବା ଜଣାପଡ଼ିଛି। ଗୁରୁବାର ପୁଣି ଏଫଏଲ ଅପ୍‌ଶପ୍ ସମ୍ମୁଖରୁ ଷଷ୍ଠିଧର ଗୋପାଳଙ୍କ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବାଇକ୍ ଚୋରି କରୁଥିବା ଲାଇଭ ଭିଜୁଆଲ ସିସିଟିଭି ଫୁଟେଜରେ ରେକର୍ଡ ହୋଇଥିଲେ ମଧ୍ୟ ପୁଲିସ ଚୋର ଧରିବାରେ ବିଫଳ ହୋଇଛି। ରାତ୍ରିକାଳୀନ ପେଟ୍ରୋଲିଂ ଦୁର୍ବଳ ହୋଇପଡ଼ିଥିବା ବେଳେ ସନ୍ଦେହଜନକ ଯୁବକଙ୍କ ଉପରେ ପୁଲିସ ପକ୍ଷରୁ ସଠିକ୍ ନଜରଦାରି ହେଉନାହିଁ। ଫଳରେ ଚୋର ଗ୍ୟାଙ୍ଗ ସକ୍ରିୟ ହୋଇପଡ଼ିଥିବା ଚର୍ଚ୍ଚା ହେଉଛି। ଅଞ୍ଚଳବାସୀ ଧର୍ମଗଡ଼ ପୁଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ, ନିୟମିତ ପେଟ୍ରୋଲିଂ ଓ ଚୋରଙ୍କୁ ଚିହ୍ନଟ କରି ଚୋରି ରୋକିବାକୁ ଦାବି କରିଛନ୍ତି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଲାଞ୍ଜିଗଡ଼ ବ୍ଲକ୍ ଗସ୍ତ




**ଲାଞ୍ଜିଗଡ଼, ୭ ।୫(ସମିସ):** ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗୁରୁବାର ଦିନିକିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ଲାଞ୍ଜିଗଡ଼ ବ୍ଲକ ପରିଦର୍ଶନ କରିଛନ୍ତି। ପ୍ରଥମେ ମନ୍ତ୍ରୀ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସରକାର ଓ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡା. ଭବାନୀଶଙ୍କର ଲେଙ୍କାଙ୍କ ସହିତ ରୋଗୀ କଲ୍ୟାଣ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ ଚନ୍ଦନପୁର ଗାଁ ଯିବା ସହିତ ନିର୍ମାଣାଧୀନ ପିଏମ୍ ଜନମନ ଘର ଦେଖି ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ।ପରେ ଲାଞ୍ଜିଗଡ଼ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରିବା ପରେ ବିଜେପି ଦଳୀୟ କର୍ମୀ ସମ୍ମିଳନୀରେ ଉଦ୍‌ବୋଧନ ଦେଇଥିଲେ। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ବିଜେପି ରାଜ୍ୟ ଅନୁସୂଚିତ ଜନଜାତି ମୋର୍ଚ୍ଚା ଉପସଭାପତି ରମେଶ ଚନ୍ଦ୍ର ମାଝୀ, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼, ଜିଲ୍ଲା ଉପସଭାପତି ଜୟଶଙ୍କର ନାଏକ, ମୁକେଶ ଅଗ୍ରୱାଲ, ରୂପେଶ ଜୈନ, ମହିଳା ନେତ୍ରୀ ସନ୍ତୋଷୀ ଦାସ, କାଞ୍ଚନ ବାଗ, ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ବିଜେପି ନେତା ତୋଫାନ ସୁନାନୀ, ସନ୍ତୋଷ ବିଶି, ତୁଳସୀ ମାଝୀ, ନରେନ୍ଦ୍ର ବେହେରା, ସୁବାସ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଲାଞ୍ଜିଗଡ଼ ହାଇସ୍କୁଲ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶ୍ରୀ ପୋଢ଼ ସଭାପତିତ୍ୱ କରିଥିବା ବେଳେ ସନ୍ତୋଷ ବିଶି ଓ ତୋଫାନ ସୁନାନୀ ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାରେ ୧୦ଟି 'ହେଲ୍‌ମେଟ୍ ହବ' ଉଦ୍‌ଘାଟିତ






**ନୂଆପଡ଼ା, ୭ ।୫(ସମିସ):** ନୂଆପଡ଼ା ଜିଲ୍ଲା ସଡକ ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲାର ୧୦ଟି ପ୍ରମୁଖ ସ୍ଥାନରେ 'ହେଲମେଟ୍ ହବ୍' ଉଦଘାଟନ କରାଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ସିଡିଓ ଲମ୍ବୋଦର ଧରୁଆ ସହିତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ଲୋକଙ୍କୁ ସଚେତନତା କରିଥିଲେ। ସୂଚନା ଯୋଗ୍ୟ ଯେ ଜିଲ୍ଲାରେ ସଡକ ସୁରକ୍ଷାକୁ ସୁଦୃଢ଼ କରିବା ଓ ଦୁର୍ଘଟଣାଜନିତ ମୃତ୍ୟୁ ଓ ଆହତ ସଂଖ୍ୟା କମାଇବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ହେଲମେଟ ହବ ମାଧ୍ୟମରେ ସହଜ ଉପଲବ୍ଧତା ଓ ସଚେତନତା ବୃଦ୍ଧି ପାଇବା ସହିତ ଲୋକମାନଙ୍କୁ ହେଲମେଟ୍ ପ୍ରୟୋଗ ପ୍ରତି ଉତ୍ସାହିତ କରାଯିବ। ସମସ୍ତଙ୍କ ସହଯୋଗ ଓ ସଚେତନତା ମାଧ୍ୟମରେ ଆମେ ନୂଆପଡ଼ାକୁ ୧୦୦% ହେଲମେଟ ବ୍ୟବହାରକାରୀ ଜିଲ୍ଲାରେ ପରିଣତ କରିପାରିବୁ ଜିଲ୍ଲାପାଳ କହିଛନ୍ତି। ନୂଆପଡ଼ା ଜିଲ୍ଲା ସଦର ମହକୁମା ସମେତ ଘାଟିପଡ଼ା, ଖରିଆରରୋଡ଼, କୋମନା ଆଦି ୧୦ଟି ଜାଗାରେ ଏକକାଳୀନ ଆରମ୍ଭ କରାଯାଇଥିଲା।

**ସିନାପାଲି:** ସିନାପାଲି ନୂତନ ବସ୍‌ଷ୍ଟାଣ୍ଡ ଯୁଗେନପଦର ଠାରେ ହେଲମେଟ ହବ୍ ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିନାପାଲି ତହସିଲଦାର ଉପାଞ୍ଜଳି ମାଝି ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିନାପାଲି ଥାନାଧିକାରୀ ଦୁର୍ଗାମାଧବ ବାଗ, ମିଶନଶକ୍ତି ଅଧିକାରୀ ରାଜେଶ ସାହୁ, ବିଶ୍ୱଜିତ୍ ସାହୁ ଉପସ୍ଥିତ ଥିଲେ। ଉଦ୍ଦେଶ୍ୟ ବାଇକ୍ ଚାଳକଙ୍କୁ ୫୦ ଟଙ୍କାରେ ହେଲମେଟ ପ୍ରଦାନ ଓ କାର୍ଯ୍ୟ ସାରି ଫେରିବା ବେଳେ ଜମା ଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି। ଏହି ଅବସରରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଏକାଧିକ ବାଇକ୍ ଚାଳକଙ୍କୁ ସଚେତନ କରିଥିବା ବେଳେ ଏହାର ଉଦ୍ଦେଶ୍ୟ ଉପରେ ଲୋକଙ୍କୁ ବୁଝା ଯାଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ମିଥୁନ ବାଗ, ପୁଲିସ ଏଏସ୍‌ଆଇ ସୁଜିତ ସାମନ୍ତରାୟ, ପୁଲିସ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ସ୍ଥାନୀୟ ବୁଦ୍ଧିଜୀବୀ, ଉପସ୍ଥିତ ଥିଲେ।

**ଇନ୍ଦ୍ରାବତୀ ବାମ କେନାଲରେ ଘାଇ**

# ତୁରନ୍ତ ମରାମତି, ଚାଷ ନଷ୍ଟ ଅଭିଯୋଗ କଲେ ଚାଷୀ

**କୋକସରା, ୭ ।୫(ସମିସ)**

କଳାହାଣ୍ଡି ଜିଲ୍ଲା ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲର ଧର୍ମଗଡ଼ ବ୍ଲକ ଇଚ୍ଛାପୁର ଓ ପୋଡ଼ବେଡା ଗେଟ୍ ମଝିରେ ଥିବା ଆଉଟଲେଟ୍‌ରେ ବିରାଟ ବଡ଼ ଘାଇ ସୃଷ୍ଟି ହୋଇଥିଲା। ଯାହାଫଳରେ ହେକ୍ଟର ହେକ୍ଟର ଜମିରେ ପାଣି ମାଡ଼ି ଯାଇଥିବା ବେଳେ ବିଭାଗ ପକ୍ଷରୁ ଘାଇକୁ ତୁରନ୍ତ ମରାମତି କରି ଦିଆଯାଇଛି। ଅନ୍ୟପଟେ ଚାଷୀମାନେ ଚାଷ ନଷ୍ଟ ହୋଇଥିବା ଅଭିଯୋଗ କରିଥିବା ବେଳେ କ୍ଷତିପୂରଣ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ' ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲର ପୋଡବେଡା ନିକଟରେ ଗୁରୁବାର କୌଣସି କାରଣରୁ ଆଉଟ୍ ଲେଟ୍‌ରେ ବିରାଟ ବଡ଼ଘାଇ ସୃଷ୍ଟି ହୋଇ ଚାଷ ଜମିକୁ ପାଣି ମାଡ଼ି ଯାଉଥିଲା। ଶୁକ୍ରବାର ସ୍ଥାନୀୟ ଚାଷୀମାନେ ଏନେଇ ବିଭାଗୀୟ ଅଧିକାରୀଙ୍କୁ ଖବର ଦେବାପରେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅନ୍ୟପଟେ ଚାଷୀଙ୍କ ପ୍ରାୟ ୫୦ ହେକ୍ଟର ଚାଷ ଜମିରେ ପାଣି ମାଡ଼ି ଯାଇଥିବାବେଳେ ପାଚିଲା ଧାନ ଗୁଡିକ ନଷ୍ଟ ହୋଇଥିବା ଇଚ୍ଛାପୁର, ପୋଡବୋଡା ଓ ଘମେରଗୁଡା ଅଞ୍ଚଳର ଚାଷୀ ଟୋପିଚନ୍ଦ ପୂଝରୀ, ଯୁଧିଷ୍ଠିର ନାଏକ, ତ୍ରିନାଥ ନାଏକ, ଜଗନ୍ନାଥ ପୂଝରୀ, ଧନୁର୍ଜ୍ୟୟ ମାଝୀ, ପୁଷ୍ପ ମାଝୀ, ପ୍ରେମଲାଲ ପୂଝରୀ, ଦୁର୍ବାସା ପୂଝରୀ, କ୍ଷୀରସିନ୍ଧୁ ପୂଝରୀ, ଜଗନ୍ନାଥ ପୂଝରୀ, ଅର୍ଜୁନ ନାଏକ, ଧନରାମ ନାଏକ, ଭୁଜ ଧ.ମାଝୀ, ମମତା ଧ.ମାଝୀ ପ୍ରମୁଖ ଅଭିଯୋଗ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଅନ୍ୟପଟେ ଘଟଣାସ୍ଥଳରେ ଇନ୍ଦ୍ରାବତୀ କେନାଲ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରଣୟ ପ୍ରଧାନ ଘଟଣାସ୍ଥଳରେ ପ୍ରହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଘାଇ ହୋଇଥିବା ସ୍ଥାନକୁ ତୁରନ୍ତ ମରାମତି କରାଇଥିଲେ। ଯାହାଫଳରେ ଅନେକ ଚାଷୀଙ୍କ ଚାଷ ନଷ୍ଟ ହେବାରୁ କିଛି ମାତ୍ରାରେ ରକ୍ଷା ପାଇଛି।



# ଧର୍ମଗଡ଼ ତିନିଛକ-ବସ୍ତିପଡ଼ା ରାସ୍ତା ମରଣଯନ୍ତା

**ଧର୍ମଗଡ଼, ୭ ।୫(ସମିସ):** ଧର୍ମଗଡ଼ ସହରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଧର୍ମଗଡ଼ ତିନିଛକରୁ ବସ୍ତିପଡ଼ାକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ଆରଡ଼ି ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତା ସାରା ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟାତ ପାଇଁ ଅତ୍ୟନ୍ତ ଅସୁରକ୍ଷିତ ହୋଇପଡ଼ିଛି। ଦୀର୍ଘ ଦିନ ଧରି ମରାମତି ଅଭାବରୁ ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇରହିଛି। ଅଳ୍ପ ବର୍ଷା ହେଲେ ମଧ୍ୟ ରହିଥିବା ଖାଲଖମା ଗୁଡିକରେ ବର୍ଷା ପାଣି ଜମିକୁ ରହୁଛି। ଯାହାଫଳରେ ସ୍ଥାନୀୟ ବାସିନ୍ଦା ଓ ପଥିକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ରାସ୍ତାରେ ପ୍ରତିଦିନ ଶହ ଶହ ଲୋକଙ୍କ ଯାତାୟାତର ମୁଖ୍ୟ ମାଧ୍ୟମ ହୋଇଥିବା ବେଳେ, ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଛୋଟବଡ଼ ଦୁର୍ଘଟଣା ନିତିଦିନିଆ ଘଟଣା ପାଲଟିଛି। ବିଶେଷ କରି ବର୍ଷା ଦିନେ ଖାଲଗୁଡ଼ିକରେ ପାଣି ଜମି ରହୁଥିବାରୁ ରାସ୍ତାର ଗଭୀରତା ଜଣାପଡୁନାହିଁ, ଯାହା ଦ୍ୱାରା ବାଇକ୍ ଓ ଅନ୍ୟାନ୍ୟ ଯାନବାହନ ଚଳାଇବା ବିପଜ୍ଜନକ ହୋଇଛି। ରାସ୍ତାର ତୁରନ୍ତ ମରାମତି ସାଙ୍ଗକୁ ସ୍ଥାୟୀ ପିଚୁ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରାସ୍ତାରେ ଯିବା ଆସିବା କରିବାକୁ ଭୟ କରୁଛୁ ବୋଲି ଅନେକ ପଥଚାରି ମତ ପ୍ରକାଶ କରିଛନ୍ତି। ପ୍ରଶାସନ ତୁରନ୍ତ ଦୃଷ୍ଟି ନଦେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟବାସିନ୍ଦା କହିଛନ୍ତି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ରାସ୍ତାନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି ହେଉଛି।



### ମୁରିବାହାଲ ହାତୀ ମୃତ୍ୟୁ ଘଟଣା

# ସପ୍ତାହେ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ବଲାଙ୍ଗିର,୭ ।୫(ସମିସ)

ବଲାଙ୍ଗିର ଜିଲ୍ଲା ମୁରିବାହାଲ ଫରେଷ୍ଟ ରେଞ୍ଜ ଚନୁଟମାଲ ଗାଁ କାଜୁ ବଗିଚା ହାତୀ ମୃତ୍ୟୁ ମାମଲା ଘଟଣାକୁ ସପ୍ତାହେ ବିତି ଯାଇଥିବାବେଳେ ଏଯାଏଁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆ ନଯିବା ଘଟଣାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟ ଘଟଣାମାନଙ୍କରେ ବନ ବିଭାଗ ତତ୍କ୍ଷଣାତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାବେଳେ ଏହି ଘଟଣାରେ ବନ ବିଭାଗର ନିରବତା ଭିନ୍ନ ଏକ ଦିଗକୁ ସୂଚାଉଥିବା ଆଲୋଚନା ହେଉଛି। କିଛିଦିନ ପୂର୍ବରୁ ଏହି ଘଟଣାରେ ବନ ବିଭାଗ ବିଦ୍ୟୁତ୍ ବିଭାଗକୁ ଦାୟୀ କରୁଥିବାବେଳେ ତାଙ୍କ ବିରୋଧରେ ମଧ୍ୟ କିଛି ପଦକ୍ଷେପ ନିଆଯାଇ ନ ଥିବା ଚର୍ଚ୍ଚା ହେଉଛି। ଯାହାକି ଉଭୟ ବିଭାଗ ମିଳିମିଶି ଦାବି ଦେବାକୁ ଚେଷ୍ଟା କରୁଥିବାବେଳେ ଯେଉଁ କାଜୁ ବଗିଚା ରେ ଏହି ଦନ୍ତା ହାତୀର ମୃତ୍ୟୁ ହୋଇଥିଲା ସେହି ବଗିଚା ମାଲିକଙ୍କୁ ବିଭିନ୍ନ ଆଳ ରେ ଏହି ମାମଲାରେ ଛନ୍ଦିବାକୁ ଚେଷ୍ଟା ଚାଲିଥିବା ସ୍ଥାନୀୟଅଞ୍ଚଳରେ ଚର୍ଚ୍ଚା ହେଉଛି।

ସୂଚନା ଅନୁସାରେ ଗତ ୩୦ ତାରିଖରେ ବଲାଙ୍ଗିର ଜିଲ୍ଲା ମୁରିବାହାଲ ଫରେଷ୍ଟ ରେଞ୍ଜ ଅଧୀନସ୍ଥ ଚନୁଟମାଲ ଗାଁର ସଞ୍ଜୀବ ପୁଟେଲଙ୍କ କାଜୁ ବଗିଚାରେ ଏକ ଦନ୍ତା ହାତୀର ମୃତଦେହ ଉଦ୍ଧାର ହୋଇଥିଲା। ଘଟଣା ବିଷୟରେ ଜାଣିବା ପରେ ବନ ବିଭାଗର ଟିମ୍ ଘଟଣାସ୍ଥଳରେ



ପହଞ୍ଚି ପ୍ରାଥମିକ ତଦନ୍ତରୁ ଦନ୍ତା ହାତୀର ମୃତ୍ୟୁ ବିଦ୍ୟୁତ୍ ଆଘାତରୁ ହୋଇଥିବା ଜଣାପଡ଼ିଥିଲା। ଅବଶ୍ୟ ହାତୀର ବ୍ୟବଚ୍ଛେଦ କରାଯାଇଥିଲା କିନ୍ତୁ ଏଯାଏଁ ଉକ୍ତ ରିପୋର୍ଟ ଆସିନାହିଁ। ଏହି ଘଟଣାକୁ ସପ୍ତାହେ ବିତିଯାଇଥିବା ବେଳେ ବନ ବିଭାଗ ପକ୍ଷରୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। କିଛି ଦିନ ପୂର୍ବରୁ ଏହି ଘଟଣାରେ ବନ ବିଭାଗ ବିଦ୍ୟୁତ୍ ବିଭାଗକୁ ଦାୟୀ କରୁଥିବାବେଳେ ବିଦ୍ୟୁତ୍ ବିଭାଗ ହାତୀ ସୁରକ୍ଷା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେଉଥିବା ସୂଚନା ଦେଇଥିଲା। ବିଦ୍ୟୁତ୍ ବିଭାଗର କହିବା ଅନୁସାରେ ହାତୀ ଗତିପଥ ନେଇ ବନବିଭାଗ ଦେଉଥିବା ରିପୋର୍ଟ ଅନୁସାରେ ବିଦ୍ୟୁତ୍ କାଟ କରାଯାଉଛି। କିନ୍ତୁ ଅଧିକ ସଂଖ୍ୟକ ହାତୀ ଥିବାରୁ ପଲ ହୋଇ ଆସୁଥିବା ହାତୀ ମାନଙ୍କ ମଧ୍ୟରୁ ଯଦି କେହି ଗୋଠ ଛଡ଼ା ହୋଇଯାଏ ତେବେ ତାହାର ଗତିପଥ ବିଷୟରେ ସୂଚନା ଠିକ୍ ସମୟ ରେ ନ ମିଳିଲେ ପଦକ୍ଷେପ ନେବା ମୁସ୍କିଲ ବୋଲି କହିଥିଲେ। ଘଟଣା ରାତିରେ ବିଦ୍ୟୁତ୍ କାଟ କରାଯାଇଥିବା ମଧ୍ୟ ବିଦ୍ୟୁତ୍ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। କେମିତି ବିଦ୍ୟୁତ୍ ତାର ରେ ଲାଗି ହାତୀର ମୃତ୍ୟୁ ହେଲା। ତାହା ସବୁଠାରୁ ବଡ଼ ପ୍ରଶ୍ନ ଜନୈକ ବନ ବିଭାଗ ଅଧିକାରୀଙ୍କ କହିବା ଅନୁସାରେ ହାତୀ ଗତିପଥ ଅନୁସାରେ ନିର୍ଦ୍ଦିଷ୍ଟ ଏକ ପରିସୀମାରେ ବିଦ୍ୟୁତ୍ କାଟ କରିବାର ନିର୍ଦ୍ଦେଶ ରହିଛି। ଫଳରେ ହାତୀମାନେ ଗୋଠ ଛଡ଼ା ହେଲେ ମଧ୍ୟ ସୁରକ୍ଷିତ ରହିପାରିବେ। ଏହିଘଟଣା ବିଦ୍ୟୁତ୍ ବିଭାଗର ଅବେହଳା ହିଁ ଦାୟୀ ବୋଲି କହିଥିଲେ। ଏହିଭଳି ପରିସ୍ଥିତିରେ ବନ ବିଭାଗ ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ସୁପାରିଶ କରିବା କଥା। ଯାହାକି କରାଯାଇ ନ ଥିବା ଆଲୋଚନା ହେଉଛି। ଅନ୍ୟପକ୍ଷରେ ଏହି ଘଟଣାରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଗୋଟିଏ ପ୍ରକାର ସପ୍ତାହେ ହେଲା ଏହି ଘଟଣାକୁ ଚାପିଦେବା ପାଇଁ ଉଭୟ ବିଭାଗ ମିଶି ଏକ ଯୋଜନା ପ୍ରସ୍ତୁତ କରୁଥିବା ଚର୍ଚ୍ଚା ହେଉଛି। ସେହିପରି ଏହି ଘଟଣାରେ କାଜୁ ବଗିଚା ମାଲିକଙ୍କୁ ମଧ୍ୟ ଛନ୍ଦିବାକୁ ଉଦ୍ୟମ ହେଉଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏପରିକି ଏଥିପାଇଁ ଚାପ ସହିତ ପ୍ରଲୋଭନ ମଧ୍ୟ ଦିଆଯାଉଥିବା ଚର୍ଚ୍ଚା ହେଉଛି। ଅନ୍ୟହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ସଙ୍ଗେସଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାବେଳେ ଏହି ଘଟଣାରେ କିନ୍ତୁ ବନ ବିଭାଗ ସପ୍ତାହେ ହେଲା ନୀରବ ରହିଛି। ଯାହାକି ଅସନ୍ତୋଷର କାରଣ ପାଲଟିଛି।

## ଜିଲ୍ଲା ଓକିଲ ସଂଘର ଶପଥଗ୍ରହଣ ଉତ୍ସବ



ଦେବଗଡ଼,୭।୫(ସମିସ): ଦେବଗଡ଼ ଜିଲ୍ଲା ନ୍ୟାୟାଳୟ ପରିସରରେ ଜିଲ୍ଲା ଓକିଲ ସଂଘ ନୂତନ କର୍ମକର୍ତ୍ତା ମାନଙ୍କର ଶପଥଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଧବାର ରାତିରେ ନିର୍ବାଚନ ଅଧିକାରୀ ବିଜ୍ଞା ବିନମ୍ରତା ଦ୍ୱିବେଦୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲ୍ଲା ଓ ଦୌରାଜଜ୍ ଦେବାଶିଷ ରାଉତ, ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ମଧୁମିତା ମହାନ୍ତି ଜିଲ୍ଲା ଓକିଲ ସଂଘର ନୂତନ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇବା ସହ ସଂଘ ଜନସାଧାରଣଙ୍କ ସେବାରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଶାନ୍ତ କୁମାର ବେହେରା, ରେଜିଷ୍ଟ୍ରାର ବିଶ୍ୱଜିତ ମହାପାତ୍ର, ମହିଳା ଅଦାଲତର ବିଚାରପତି ତଥା ସହକାରୀ ଦୌରାଜଜ ଶାନ୍ତଶ୍ରୀ ମହାନ୍ତି, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ସୃଜନ ସାରସ୍ୱତ, ଏସ୍‌ଡିଜେଏମ୍ ଧନଞ୍ଜୟ ନାୟକ ଓ ଜେଏମ୍‌ଏସ୍‌ସି ଶୁଭସ୍ମିତା ଶୁଭଦର୍ଶୀନୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଂଘର ନବ ନିର୍ବାଚିତ ସଭାପତି ପ୍ରମଥେଶ ଗୁରୁ, ଉପ ସଭାପତି ପ୍ରଣବ କୁମାର ସ୍ୱାଇଁ, ସମ୍ପାଦକ ସିଦ୍ଧେଶ୍ୱର ଗୁରୁ, ସହ ସମ୍ପାଦକ ବିକାଶ କୁମାର ପ୍ରଧାନ, କୋଷାଧ୍ୟକ୍ଷ ରାଜକିଶୋର ପ୍ରଧାନ, କାର୍ଯ୍ୟକାରୀଣୀ ସଦସ୍ୟ ମମତା ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବୁଡା, ଜଗନ୍ନାଥ ଦାସବର୍ମା ଓ ସୁନିଶ୍ଚିତା ପାଢ଼ୀ ପଦ ଓ ଗୋପନୀୟତାର ଶପଥ ପାଠ କରିଥିଲେ। ଏହି ଅବସରରେ ଅତିଥି ଏବଂ ସଂଘର ନୂତନ କର୍ମକର୍ତ୍ତାମାନଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଅନ୍ତଃଜିଲ୍ଲା ମହିଳା ଟି-୨୦ ପ୍ରତିଯୋଗିତା

## ଭୁବନେଶ୍ୱରକୁ ହରାଇ ବଲାଙ୍ଗିର ଚାମ୍ପିଅନ



ବଲାଙ୍ଗିର,୭ ।୫(ସମିସ): ଓଡ଼ିଶା କ୍ରିକେଟ୍ ଏସୋସିଏସନ୍ ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା ଅନ୍ତଃଜିଲ୍ଲା ମହିଳା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଫାଇନାଲ ମ୍ୟାଚ୍‌ରେ ବଲାଙ୍ଗିର ଓ ଭୁବନେଶ୍ୱର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗିର ମହିଳା କ୍ରିକେଟ୍ ଦଳ ଚମତ୍କାର ଖେଳ ପ୍ରଦର୍ଶନ ପୂର୍ବକ ଭୁବନେଶ୍ୱର ଦଳକୁ ପରାଜିତ କରି ଚାମ୍ପିଉନ ହେବାର ସୌଭାଗ୍ୟ ଅର୍ଜନ ସହ ବଲାଙ୍ଗିର ପାଇଁ ଗୌରବ ବହନ କରିଛି। ସେଥି ସକାଶେ ବିଜୟୀ ବଲାଙ୍ଗିର ଖେଳାଳିଙ୍କ ସମାନାର୍ଥେ ବୁଧବାର ସକାଳେ ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ ଠାରେ ଏକ ସମ୍ବର୍ଦ୍ଧନା ପର୍ବ ଆୟୋଜିତ ହୋଇଯାଇଛି। ଏକ ସ୍ୱତନ୍ତ୍ର ବସ୍ ଯୋଗେ ଖେଳାଳିମାନେ ସକାଳୁ ବଲାଙ୍ଗିର ପହଞ୍ଚିବାପରେ ମାତ୍ରେ ସେମାନଙ୍କୁ ଗାନ୍ଧୀ ଷ୍ଟାଡିୟମ୍‌କୁ ଆମନ୍ତ୍ରଣ କରାଯାଇଥିଲା। ପରେ ବିଭିନ୍ନ ପ୍ରକାରର ବାଦ୍ୟର ତାଳେତାଳେ କ୍ରୀଡ଼ା ସଂସଦର ସଭ୍ୟ ବୃନ୍ଦ ତଥା ଉପସ୍ଥିତ ଅଭିଭାବକଙ୍କ ଗହଣରେ ସେମାନଙ୍କୁ ସ୍ୱତନ୍ତ୍ର ଆସନରେ ଉପବେଶନ କରାଯାଇଥିଲା। ସମ୍ବର୍ଦ୍ଧନା ପର୍ବରେ ବଲାଙ୍ଗିର ପୌରାଧ୍ୟକ୍ଷା ଲୀକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସ୍ୱାଗତଭାଷଣ ପରେ ମୁଖ୍ୟ ଅତିଥି ଲୀକା ସାହୁ, ପୌରାଧ୍ୟକ୍ଷା, ଖେଳାଳିଙ୍କୁ ପ୍ରଶଂସା କରିଥିଲେ। ପରେ ସଭ୍ୟମାନଙ୍କ ଦ୍ୱାରା ଅନ୍ତଃ ଜାତୀୟ ଖେଳାଳୀ ମାଧୁରୀ ମେହେଟ୍ଟା, ଜାତୀୟ ଖେଳାଳି ସରିତା ମେହେର, ରାମେଶ୍ୱରୀ ନାଏକ, ଦଳର ଅଧିନାୟକ ରଶ୍ମିତା ଚିନାରା, କୋଚ୍ ଅରୁଣ କୁମାର ନାଏକ, ମ୍ୟାନେଜର ଇନ୍ଦିରା ନନ୍ଦିନୀ ନାଥ ଓ ଦଳର ସମସ୍ତ ଖେଳାଳିଙ୍କୁ ସମ୍ମାନିତ କରାଯାଇଥିଲା। ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହ୍ଲାଦ ଶତପଥୀ, ସାଧାରଣ ସଂପାଦକ ହରିନାରାୟଣ ପୁଝାରୀ, ଯୁଗ୍ମ ସଂପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ବରିଷ୍ଠ ସଭ୍ୟ ସୁଧୀର ଚନ୍ଦ୍ର ପଣ୍ଡା, କ୍ରିକେଟ ସଂପାଦକ ଓମ୍‌ପ୍ରକାଶ ଚାନ୍ଦ, କୋଚ୍ ଅରୁଣ କୁମାର ନାଏକ, ଜିଲ୍ଲା କ୍ରୀଡ଼ା ଶିକ୍ଷାଧିକାରୀ ପ୍ରଦୀପ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅଟୋରୁ ଖସି ମହିଳାଙ୍କ ମୃତ୍ୟୁ

ଝାରସୁଗୁଡ଼ା,୭ ।୫(ସମିସ): ବ୍ରଜରାଜନଗର ଥାନା ଗାନ୍ଧିଛକ ଫାଣ୍ଡି ଅଧୀନ ଚାରଭାଟି ଛକ ନିକଟରେ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ କୋଲାବିରା ଥାନା ଅଧୀନ ସମାସିଂହା ବେଲଡେଗା ଗ୍ରାମର ଦଶମତି ଖଡ଼ିଆ (୩୭) ବୋଲି ଜଣାପଡ଼ିଛି। ମୃତକ ଦଶମତି କଦଳୀମୁଣ୍ଡା ଗ୍ରାମରେ ଥିବା ନିଜ ବଡ଼ ଭଉଣୀ ଘରୁକୁ ଆସିଥିବାବେଳେ ଏକ ତିନି ଅଟୋରେ ବୁଧବାର ସକାଳ ସାଢେ ଆଠଟା ସମୟରେ ଗାନ୍ଧିଛକ ଯାଉଥିବା ସମୟରେ ଅଟୋ ଚାଳକଙ୍କ ବେପରୁଆ ଗାଡି ଚାଳନା ଫଳରେ ଚାରଭାଟି ଛକ ନିକଟରେ ଅଟୋରୁ ଛିଟିକି ପଡ଼ିଥିଲେ। ଅଟୋରୁ ଛିଟିକି ପଡିବା ପରେ ଗାଡିଟି କ୍ଷିପ୍ରଗତିରେ କିଛିବାଟ ଘୋଷାଡ଼ି ନେଇଥିଲା। ଦୁର୍ଘଟଣା ପରେ ଅଟୋ ଚାଳକ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଧିକ ତଦନ୍ତ ଜାରି ରହିଥିବା ଗାନ୍ଧିଛକ ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

## ଟ୍ୟାଙ୍କର ବାଇକ୍ ଧକ୍କା; ଜଣେ ମୃତ, ୧ ଗୁରୁତର

ସଇଁତଲା,୭ ।୫(ସମିସ): ସଇଁତଲା ସମରା ଛକ ନିକଟରେ ବଲାଙ୍ଗିର ପଟୁ ଆସୁଥିବା ଏକ ପେଟ୍ରୋଲ ଭର୍ତ୍ତି ଟ୍ୟାଙ୍କର ସହ ବାଇକ ମୁହାଁମୁହିଁ ଧକ୍କା ଘଟିବାରୁ ଜଣେ ବ୍ୟକ୍ତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ମୃତକ ଜଣକ ଜଲିଆ ଦର୍ହ ଗ୍ରାମର ମଳୟ ସାହୁ। ସେହିପରି ବଡବନ୍ଧ ଗ୍ରାମର ଜଣେ ବ୍ୟକ୍ତି ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣା ପରେ ଟ୍ୟାଙ୍କରଟି ଓଲଟି ପଡ଼ିଛି। ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ, ପୁଲିସ ବୁଝାସୁଝା କଲା ପରେ ଅବରୋଧ ହଟିଥିଲା। ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ।

## ବିଧାୟକ ପାଣ୍ଠିରୁ ପାଣି ଟ୍ୟାଙ୍କର ପ୍ରଦାନ



ଦେବଗଡ଼, ୭ ।୫(ସମିସ): ରିଆମାଳ ବ୍ଲକ୍ ଅଧୀନ ଟିଙ୍କବୀର ପଞ୍ଚାୟତକୁ ସର୍ବସାଧାରଣଙ୍କ ମହତ୍ କଲ୍ୟାଣ ଉଦ୍ଦେଶ୍ୟରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବିଧାୟକ ପାଣ୍ଠିରୁ ଆଜି ଏକ ପାଣି ଟ୍ୟାଙ୍କର ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ କରିବାରେ ଯୋଜନା ହୋଇଥିଲେ ମଧ୍ୟ ବିହାଘର,ଏକୋଇଶା ଓ ଶୁଦ୍ଧକ୍ରିୟା ଆଦି କାର୍ଯ୍ୟକ୍ରମରେ ପାନୀୟ ଜଳର ଘୋର ଅସୁବିଧା ସମ୍ମୁଖୀନ ହେଉଥିଲେ। ସର୍ବସାଧାରଣ ସୁବିଧା ନିମନ୍ତେ ଦେବଗଡ଼ ଜିଲ୍ଲାର ସମସ୍ତ ପଞ୍ଚାୟତକୁ ବିଧାୟକ ପାଣ୍ଠିରୁ ପର୍ଯ୍ୟାୟ କ୍ରମେ ପାଣି ଟ୍ୟାଙ୍କର ଯୋଗାଇ ଦେବେ ବୋଲି କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଦେବଗଡ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଯୋଗ ଦେଇ ବିଧାୟକଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଟିଙ୍କବୀର ସରପଞ୍ଚ ଫକୀର ମୋହନ ବେହେରା ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ।

### ନଦୀରୁ ପାଣି ଉଠାଉଛି ଓଡିଶା ମେଟାଲିକ୍ସ କମ୍ପାନୀ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଝାରସୁଗୁଡ଼ା,୭ ।୫(ସମିସ): ଇବ ନଦୀ ହେଉଛି ଝାରସୁଗୁଡ଼ା ଜିଲ୍ଲାର ପ୍ରମୁଖ ନଦୀ। ନଦୀତଟରେ ଥିବା ଗ୍ରାମବାସୀଙ୍କ ପାଇଁ ଏହା ଜୀବନରେଖା। ଏହି ଇବନଦୀରୁ ବେଆଇନ ଭାବେ ଜଳ ଶୋଷଣ କରୁଥିବା ଓଡିଶା ମେଟାଲିକ କମ୍ପାନୀ ବିରୋଧରେ ଇବ ନଦୀକୂଳରେ ଥିବା ଏଚ୍ କଣ୍ଟାପାଲି,ଜମେରା, ମରାକୁଟା, ଇବ ଗ୍ରାମବାସୀ ଇବନଦୀରୁ ଜଳ ଚୋରି ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ନେଇ ଅଭିଯୋଗ କରି ଗୁରୁବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଝାରସୁଗୁଡ଼ା ସଦର ବ୍ଲକ୍ ସ୍ଥିତ ମରାକୁଟା ଅଞ୍ଚଳରେ ଥିବା ଓଡିଶା ମେଟାଲିକ୍ସ କମ୍ପାନୀ ବିନା ଅନୁମତିରେ ଇବନଦୀରୁ ପାଇପ୍ ଲାଇନ୍ ଯୋଗେ ବହୁ ପରିମାଣର ଜଳ ନେଉଥିବା ଅଭିଯୋଗ ହୋଇଛି। ଯାହାଫଳରେ ନଦୀର ଜଳସ୍ତର ହ୍ରାସ ପାଇବା ସହ ସ୍ଥାନୀୟ ପ୍ରାୟ ୫୦ରୁ ଅଧିକ ଗ୍ରାମରଲୋକେ ପାନୀୟ ଜଳ ଓ ଚାଷ କାର୍ଯ୍ୟ ପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଖରାଦିନେ ଇବନଦୀ ଶୁଖିଯାଉଥିବାରୁ ଗୃହପାଳିତ ପଶୁପକ୍ଷୀ ମଧ୍ୟ ଜଳକଷ୍ଟ ଭୋଗୁଛନ୍ତି। କମ୍ପାନୀ କୌଣସି ସରକାରୀ ଅନୁମତି ନଥାଇ ଦୀର୍ଘ ୫ ବର୍ଷ ହେବ ନଦୀରୁ ଜଳ ଚୋରି କରୁଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ ରାଜ୍ୟ ସରକାରଙ୍କ ମଧ୍ୟ ବିପୁଳ ପରିମାଣର ରାଜସ୍ୱ ହାନି ହେଉଛି।ପୂର୍ବରୁ ଏ ସମ୍ପର୍କରେ ଝାରସୁଗୁଡା ଏସ୍‌ପି ଓ ଉପଜିଲ୍ଲାପାଳଙ୍କୁ ଜଣାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ନେଇ ଅଭିଯୋଗ ହୋଇଛି।କମ୍ପାନୀର ଏହି ପମ୍ପ ହାଉସଗୁଡ଼ିକୁ ତୁରନ୍ତ ବନ୍ଦ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଯଦି ଆସନ୍ତା ମେ' ୧୫ ତାରିଖ ମଧ୍ୟରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆନଯାଏ, ତେବେ ଗ୍ରାମବାସୀ ପମ୍ପ ହାଉସ ସମ୍ମୁଖରେ ଧାରଣା ଦେବା ସହ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସ୍ପଷ୍ଟ କରିଛନ୍ତି।ଦାବିପତ୍ର ପ୍ରଦାନ ସମୟରେ ସେବତ ଲୁହା, ପ୍ରେମାଶିନୀ ମାଳୀ, ରବିନା କୁଆ, ସଂଯୁକ୍ତା କୁଆ, ଗଣେସିନି ବାଗ ଙ୍କ ଅଞ୍ଚଳର ବହୁ ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ୨୯ରେ ଲଇକେରା ଓ କିର୍ମିରାର ଆଇଟିଡିଏ ପ୍ରତିଷ୍ଠା ଦିବସ

ଝାରସୁଗୁଡ଼ା, ୭ ।୫ (ସମିସ): ସମ୍ମିଳିତ ଆଦିବାସୀ ସମାଜର ତୃତୀୟ କାର୍ଯ୍ୟକାରିଣୀ ବୈଠକ ଗତ ୫ ଦିନ ସଭାପତି ରତ୍ନାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଆସନ୍ତା ୨୯ ତାରିଖ ଦିନ ଲଇକେରା ଓ କିର୍ମିରାର ଆଇଟିଡିଏ ପ୍ରତିଷ୍ଠା ଦିବସ ଜିଲ୍ଲା ସଂସ୍କୃତି ଭବନଠାରେ ପାଳନ ହେବାନେଇ ସ୍ଥିର କରାଯାଇଥିବା ନେଇ ସୂଚନା ଦିଆଯାଇଛି। ସମ୍ମିଳିତ ଆଦିବାସୀ ସମାଜର ବୈଧତା ପାଇଁ



ଜିଲ୍ଲା ତଥା ରାଜ୍ୟରେ ପଞ୍ଜିକରଣ ହେବ। ଜିଲ୍ଲା ପରିଷଦ ଜୋନ୍ ଓ ମ୍ୟୁନିସିପାଲିଟି ୱାରୀ ସଂଯୋଜକ ଚୟନ ହେବେ। ଜୁଯୁମୁରା ବ୍ଲକ ଆଇ.ଟି.ଡି.ଏ ହେବା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବ କେନ୍ଦ୍ରସରକାର ଠାରେ ୨୦୧୭ରୁ ଅଟକି ରହିଥିବା ବିଷୟ ଉପରେ ଆଲୋଚନା ହେଲା ଓ ଉଚ୍ଚତମ ନ୍ୟାୟାଳୟର ସହାୟତା ନେବା ପାଇଁ ସ୍ଥିର ହେଲା। ଏହି ବୈଠକରେ ସଂଗଠନର ମହାସଚିବ ମହେନ୍ଦ୍ର ନାଏକ, ଉପଦେଷ୍ଟା ଚିହ୍ନିରୁ ଭୋଇ, ଉପସଭାପତି ସବିତା ପ୍ରଧାନ, ସଚିବ ଅଶୋକ ମାଝୀ, ବସନ୍ତ କୁମାର ମରେହି, ଗଙ୍ଗାଧର ଭୋଇ, ବିନୋଦ ବିହାରୀ ବାଗ, ବିରେନ ମରେହି, ଧର୍ମେନ୍ଦ୍ର କିସାନ, କଷ୍ଟୁ ପିଙ୍ଗ, ଦୀପକ କିସାନ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସ



ଝାରସୁଗୁଡ଼ା,୭ ।୫(ସମିସ): ଉତ୍କଳ ସାହିତ୍ୟ ସମାଜ ଝାରସୁଗୁଡ଼ା ଶାଖା ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଆବାହିକା ଅଧ୍ୟାପିକା ମନ୍ଦାକିନୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଯୋଜକ ପ୍ରେମସାଗର ଦାସ ସ୍ୱାଗତ ଅଭିଭଷଣ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଅଞ୍ଜଳିପ୍ରଭା ଜୁନ୍ ମାସରେ ବାର୍ଷିକ ସାରସ୍ୱତ ସମାରୋହ କାଯ୍ୟକ୍ରମ କରିବା ପାଇଁ ପ୍ରସ୍ତାବ ଦେବା ସହ ରୂପରେଖ ପ୍ରଦାନ କରିଥିଲେ। ପ୍ରେମ ସାଗର ଦେହେରିଆଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ରାଧାମୋହନ ପାଣ୍ଡେ, ପ୍ରଣତି ପଟ୍ଟନାୟକ ଓ ମାଧବୀ ପଟେଲ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିବା ସହ କବିତା ପାଠ କରିଥିଲେ। ଅନ୍ୟାନ୍ୟ ସଦସ୍ୟବୃନ୍ଦ ପ୍ରସ୍ତାବ ଗୁଡିକ ଉପରେ ସୁଚିନ୍ତିତ ମତପ୍ରଦାନ ପୂର୍ବକ କବିତାପାଠ କରିଥିଲେ ଓ ସହଯୋଗ କରିଥିଲେ।

## ନାବାଳିକାକୁ ଦୁଷ୍କର୍ମ; ଜେଲ୍ ଗଲା ଅଭିଯୁକ୍ତ

ପାଟଣାଗଡ଼,୭ ।୫(ସମିସ): ପାଟଣାଗଡ଼ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପାଟଣାଗଡ଼ ଥାନା ଅଞ୍ଚଳର ଜେଣେ ନାବାଳିକାକୁ ନିଶାସକ୍ତ ଅବସ୍ଥାରେ ଘରେ ପଶି ଦୁଷ୍କର୍ମ କରିଥିବା ଅଭିଯୋଗରେ ଜେଲ୍ ଗଲା ଅଭିଯୁକ୍ତ। ଗିରଫ ଅଭିଯୁକ୍ତ ହେଲେ ପାଟଣାଗଡ଼ ଥାନା ରୁଗୁଡ଼ିମୁଣ୍ଡା ଗାଁର ସୌରଭ ଧରୁଆ। ଅଭିଯୋଗ ଅନୁସାରେ ରୁଗୁଡ଼ିମୁଣ୍ଡା ଗାଁର ସୌରଭ ବୁଧବାର ପ୍ରଚୁର ମଦ୍ୟପାନ କରିଥିଲା। ନିଶାସକ୍ତ ଅବସ୍ଥାରେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲା। ନାବାଳିକା ଜଣକ ପରିବାର ଲୋକଙ୍କୁ କହିବା ପରେ ତାଙ୍କ ବାପା ପାଟଣାଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତ ସୌରଭକୁ ଗିରଫ କରି ଡାକ୍ତରୀମାଇନା ପରେ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି।

### ଆୟୁଷ୍ମାନ ଆରୋଗ୍ୟ ଶିବିର

## ଯକ୍ଷ୍ମା ନିରୂପଣ ପାଇଁ ଭ୍ରାମ୍ୟମାଣ ଏକ୍ସରେ ବ୍ୟବହାର

ଦେବଗଡ଼,୭ ।୫(ସମିସ): ବାରକୋଟ ବ୍ଲକ ସ୍ଥିତ ବିଜୟନଗର ଗ୍ରାମରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ୧୦୦ ଦିନିଆ କ୍ୟାମ୍ପେନ ୨ ଅଧୀନରେ ଏକ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହେଇଯାଇଛି। ଏହି ଶିବିରରେ ଯକ୍ଷ୍ମା ରୋଗ ନିରୂପଣ ପାଇଁ ଭ୍ରାମ୍ୟମାଣ ଏକ୍ସ-ରେ ସେବା, କଫ ପରୀକ୍ଷା ଓ ଅନ୍ୟାନ୍ୟ ଅଣସଂକ୍ରାମକ ରୋଗ ପରୀକ୍ଷା କରାଯାଇଛି। ଏହି ଶିବିରକୁ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପରିଦର୍ଶନ କରି ଶିବିରରେ ଉପଲବ୍ଧ ସ୍ୱାସ୍ଥ୍ୟ ପରୀକ୍ଷା ଓ ଲୋକ ମାନଙ୍କର ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ଏଥିସହ ଯକ୍ଷ୍ମା ରୋଗ ତଥା ଯକ୍ଷ୍ମା ସହିତ ଆନୁସଙ୍ଗିକ ରୋଗ ଉପରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ଶିବିରକୁ ସିଏଚଓ. ଯଶୋବନ୍ତି ନାୟକ, ସ୍ୱାସ୍ଥ୍ୟକର୍ମୀ ଭାନୁମତୀ ମହନ୍ତ, ବିଦିଲତା ସାହୁ, ନରେଶ କୁମାର ପାତ୍ର, ଆଶା କର୍ମୀ-ମେଗି ନାୟକ, ମଧୁସ୍ମିତା ନାୟକ, ଅଙ୍ଗନବାଡି କର୍ମୀ ସୁନିତା ପୃଷ୍ଟି, ଏସଟିଏସ. ଗୋପାଳ କୃଷ୍ଣ କର୍ଣ୍ଣ, ଡି.ଇ.ଓ. ସୌଦାମିନି ଦତ୍ତ ପ୍ରମୁଖ ପରିଚାଳନା କରିଥିଲେ। ଜିଲ୍ଲାସ୍ତରରୁ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ଓଝା, ଡିପିସି (ଏନଟିଇପି) ଆଶୁତୋଷ ଦାଶ, ପିପିଏମ୍ କୋଅର୍ଡିନେଟର ସିଦ୍ଧାର୍ଥ ଶଙ୍କର ନାଥ ପରିଦର୍ଶନ କରିଥିଲେ।



## ଲିଟିଲ୍ ଚାମ୍ପ୍ସର ସମର କ୍ୟାମ୍ପ

ଝାରସୁଗୁଡ଼ା,୭ ।୫(ସମିସ): ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟରେ ବୁଧବାର ଏକ ଗ୍ରୀଷ୍ମ କାଳୀନ କ୍ୟାମ୍ପ 'ଲିଟିଲ ଚ୍ୟାମ୍ପ ସମର କ୍ୟାମ୍ପ' ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଅମ୍ବରିଶ ଘୋଷ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫୁଲ୍ଲ ମହାପାତ୍ରଙ୍କ ସଭାପତିତ୍ୱରେ



ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ହମିଦ କୁମାର ମହାପାତ୍ର ପରିଚାଳନା କରିଥିଲେ। ସପ୍ତାହ ବ୍ୟାପୀ ହେବାକୁ ଥିବା ଏହି କ୍ୟାମ୍ପରେ ପ୍ରଥମରୁ ଚତୁର୍ଥ ଶ୍ରେଣୀର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଛନ୍ତି। ଏଥିରେ ଶାରୀରିକ କାର୍ଯ୍ୟକଳାପ, ମାଇନର ଖେଳ, ଯୋଗ, ଧ୍ୟାନ, ଚିତ୍ରାଙ୍କନ, ହାତକାମ, ନୃତ୍ୟ ଏବଂ ଟ୍ରେଜର ହଣ୍ଟ ଭଳି କାର୍ଯ୍ୟକଳାପ ହେବାର କାର୍ଯ୍ୟକ୍ରମ ରହିଛି। ହମିଦ କୁମାର ମହାପାତ୍ରଙ୍କ ନେତୃତ୍ୱରେ ହେଉଥିବା ଏହି କ୍ୟାମ୍ପରେ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଶାନ୍ତି ନାୟକ, ଶିକ୍ଷୟିତ୍ରୀ ଅଲ୍ପନା ବହିଦାର, ନିଲୁ ବିନ୍ଧାଣୀ, ସୁକାନ୍ତି ପଧାନ, ସରୋଜିନି ମହାରଣା, ନେହା ଶର୍ମା, ନିତୁ ମହାରାଜ ଏବଂ ଶିକ୍ଷକ ଅଶୋକ ରାଉତରାୟ ସହଯୋଗ କରୁଛନ୍ତି।

### ବିଦ୍ୟୁତ୍ ଆଘାତରେ ଆହତ କର୍ମଚାରୀଙ୍କ ମୃତ୍ୟୁ

## କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ଗ୍ରାମବାସୀଙ୍କ ବିକ୍ଷୋଭ

ଦେବଗଡ଼,୭ ।୫(ସମିସ): ବାରକୋଟ ବ୍ଲକ୍ ଅଧୀନ ଆମ୍ବକଟାସ୍ଥିତ ଗ୍ରୀଡ୍‌ରେ ଗତ୨୯ ତାରିଖ ଦିନ ଘଟିଥିବା ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ବାସୁପାଲି ଗ୍ରାମର ଦୀପକ ବେହେରା ଓ ରଞ୍ଜା ଗ୍ରାମର ହିମାଦ୍ରୀ ପ୍ରଧାନ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲ୍‌ରେ ଚିକିତ୍ସାଧୀନ ଥିବା ବେଳେ ଆଜି ରଞ୍ଜା ଗ୍ରାମର ହିମାଦ୍ରୀ ପ୍ରଧାନଙ୍କ ମୃତ୍ୟୁ ଘଟିଛି। ହିମାଦ୍ରୀଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବା ସହ ଗ୍ରାମବାସୀ ମୃତଦେହ ଧରି ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉତ୍ୟକ୍ତ ଗ୍ରାମବାସୀ ମୃତ ହିମାଦ୍ରୀଙ୍କ ପୁଅକୁ ବିଦ୍ୟୁତ୍ ବିଭାଗରେ ସ୍ଥାୟୀ ନିଯୁକ୍ତି



ସହ କ୍ଷତିଗ୍ରସ୍ତ ପରିବାରକୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ଏବଂ ମୃତ ହିମାଦ୍ରୀଙ୍କ ସ୍ତ୍ରୀଙ୍କୁ ଆଜୀବନ ପେନସନ ଓ ଏହି ଦୁର୍ଘଟଣାରେ ସମ୍ପୃକ୍ତ ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନିକ ଅଧିକାରୀ ପହଞ୍ଚି ପାରି ନ ଥିବାବେଳେ ଏହା ଗ୍ରାମବାସୀଙ୍କୁ ଅଧିକ ଉତ୍ତେଜିତ କରିଥିଲା। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଦାବିକୁ ସମର୍ଥନ ଜଣାଇ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବିକ୍ଷୋଭରେ ସାମିଲ ହୋଇଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ପୁଲିସ ମୃତୟନ କରାଯାଇଥିବାବେଳେ ସମ୍ପୃକ୍ତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପାଇଁ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ବାରକୋଟ ତହସିଲଦାର, ଡିଜିଏମ ମିସ କିରୋ, ବିଜେପି ଜିଲ୍ଲା ସଭାପତି ଅରୁଣ କୁମାର ସାହୁ, ଏସଡିପିଓ ରମେଶ ମାହାନା, ବାରକୋଟ ଥାନା ଅଧିକାରୀ ସୁଶାନ୍ତ କୁମାର ବଢେଇ, ପ୍ରମୁଖ ଆଲୋଚନା କରୁଥିଲେ ମଧ୍ୟ କୌଣସି ନିଷ୍ପତ୍ତି ହୋଇପାରିନଥିଲା। ଫଳରେ ଫାଟକ ସମ୍ମୁଖରେ ମୃତଦେହ ରଖି ବିକ୍ଷୋଭ କରୁଥିବା ଗ୍ରାମବାସୀ ଉତ୍ତେଜିତ ହୋଇ ଫାଟକ ର ତାଲା ଭାଙ୍ଗି ମୃତଦେହକୁ କାର୍ଯ୍ୟାଳୟ ଭିତରେ ପଶି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ମୃତଦେହ ସେହିଠାରେ ରହିବ ବୋଲି ଜିଦରେ ଅଟଳ ରହିଥିଲେ। ଆଥିରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ, ବାରକୋଟ ପାକ୍ସ ସଭାପତି ପ୍ରତାପ ପ୍ରଧାନ, ବିଦ୍ୟୁତ ବିଭାଗ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ପରେ ଅନୁଷ୍ଠାନ ପକ୍ଷରୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ସମେତ ମୃତ ହିମାଦ୍ରୀଙ୍କ ପଦବିରେ ପରିବାରର କୌଣସି ସଦସ୍ୟଙ୍କୁ ଚାକିରି ଓ ମୃତ ହିମାଦ୍ରୀଙ୍କ ପତ୍ନୀଙ୍କୁ ପେନସନ ସହ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୪ ଲକ୍ଷ ଟଙ୍କା ସହାୟତା ପାଇଁ ଅଧିକାରୀ ରାଜି ହେବାପରେ ଗ୍ରାମବାସୀ ମୃତଦେହ ଉଠାଇବା ସହ ପ୍ରାୟ ୫ ଘଣ୍ଟା ଧରି ଲାଗିରହିଥିବା ଉତ୍ତେଜନା ମୂଳକ ପରିସ୍ଥିତି ଶାନ୍ତ ହୋଇଥିଲା।

